## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ପରିବେଶ ସୁରକ୍ଷା, ଟ୍ରାଫିକ ସଚେତନତା ଶୋଭାଯାତ୍ରା। ସ୍ଥାନ- ସେଣ୍ଟ ଭିନ୍‌ସେଣ୍ଟ କନ୍‌ଭେଣ୍ଟ ସ୍କୁଲ । ସମୟ-ସକାଳ ୭ଟା୧୫ମିନିଟ୍ ।
- ନନ୍ଦ ମହୋତ୍ସବ-୨୦୧୯। ସ୍ଥାନ- ଉତ୍ତରେଶ୍ୱର କଲ୍ୟାଣ ମଣ୍ଡପ । ସମୟ-ସକାଳ ୯ଟା ।
- ନନ୍ଦ ଉତ୍ସବ। ସ୍ଥାନ-ଗୋକୁଳଧାମ । ସମୟ-ମଧ୍ୟାହ୍ନ ସାଢ଼େ ୧୨ଟା ।
- ଜନ୍ମାଷ୍ଟମୀ ପାଳନ। ସ୍ଥାନ-ଇସ୍କନ ମନ୍ଦିର । ସମୟ-ସନ୍ଧ୍ୟା ସାଢ଼େ ୫ଟା ।

# 'ନିର୍ବାଚନ ବାତିଲ, ଗଣତନ୍ତ୍ରର ହତ୍ୟା'

ବ୍ରହ୍ମପୁର ଅଫିସ,୨୩।୮



ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

କ୍ୟାମ୍ପସ୍‌ରେ ବିଶୃଙ୍ଖଳା ଆଶଙ୍କାରେ ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନକୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବନ୍ଦକରି ଦିଆଯାଇଛି। ଏହାକୁ ଅନେକ ଛାତ୍ର ସଂଗଠନ ନିନ୍ଦା କରୁଥିବା ବେଳେ ଆଉ କେତେକ ସ୍ୱାଗତ କରୁଛନ୍ତି। ବ୍ରହ୍ମପୁରରେ ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି । ପୂର୍ବାହ୍ନରେ ଅଲ୍ ଇଣ୍ଡିଆ ଡିଏସ୍‌ଓ ପକ୍ଷରୁ ସ୍ଥାନୀୟ କମାପଲ୍ଲୀ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଛାତ୍ର ସଂସଦ ନିର୍ବାଚନ ବାତିଲ ଘୋଷଣା ଗଣତନ୍ତ୍ରର ହତ୍ୟା ବୋଲି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି । ଯଦି କ୍ୟାମ୍ପସ୍‌ରେ ହିଂସା ଦେଖାଦେଉଛି, ତେବେ ସରକାର ଏହା ବିରୋଧରେ ଦୃଢ଼ ପଦକ୍ଷେପ ନେଇ ଗଣତାନ୍ତ୍ରିକ ପରିବେଶ ସୃଷ୍ଟି କରିବା କଥା । କିନ୍ତୁ ବାତିଲ୍ କରିବା ଅପରଗତାର ପରିଚୟ। ନିର୍ବାଚନ ବଦଳରେ କର୍ତ୍ତୃପକ୍ଷଙ୍କ ଦ୍ୱାରା ମନୋନୀତ ପ୍ରକ୍ରିୟାରେ ଛାତ୍ର ପ୍ରତିନିଧି ଚୟନ ଦ୍ୱାରା ଶାସକ ଦଳ ସମର୍ଥିତ ପ୍ରାର୍ଥୀମାନେ ହିଁ ସୁଫଳ ପାଇବେ। ଅନ୍ୟପଟେ କର୍ତ୍ତୃପକ୍ଷ ନିଜ ଇଚ୍ଛା ମୁତାବକ କ୍ୟାମ୍ପସ୍ ଚଳାଇବେ । ଫଳରେ କ୍ୟାମ୍ପସ୍‌ର ମୂଳ ସମସ୍ୟାଗୁଡ଼ିକ ଦୂର ହୋଇପାରିବନି । ଯଦି ସରକାର ନିଜ ନିଷ୍ପତ୍ତିରେ ପରିବର୍ତ୍ତନ ନ କରନ୍ତି, ତେବେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ସଂଗଠନ ପକ୍ଷରୁ ଜିଲା ସଭାପତି ଶିବାନୀ ଶଙ୍କର ମିଶ୍ର, ସମ୍ପାଦକ ନିମାଇଁ ଚରଣ ସାହୁ, ନାରାୟଣ ସାହୁ, ଉଦ୍ଧବ ମହାଙ୍କୁଡ଼, ଡି.ତିରୁପତି ଦୋରା, ରଞ୍ଜନ ସେଠୀ, କିଶାନ୍ ସାହୁ ଓ ପପୁନ୍ ସାହୁ ପ୍ରମୁଖ ଭାଗ ନେଇଥିଲେ ।

ଅନ୍ୟପକ୍ଷେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ମଧ୍ୟ ନିର୍ବାଚନ ବାତିଲ୍ ନିଷ୍ପତ୍ତିକୁ ବିରୋଧ କରାଯାଇଛି। ସଂଗଠନର ଗଞ୍ଜାମ ବିଭାଗ ସଂଯୋଜକ ତୁତୁନ୍ ପାତ୍ର କହିଛନ୍ତି, ନିର୍ବାଚନ ବନ୍ଦ କରିଦେବା ପଛର ରହସ୍ୟ କ'ଣ ହେଇଥାଏ ପରେ, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଗତ ବିଧାନସଭା ନିର୍ବାଚନରେ ବିଜେଡ଼ି ୧୧୨ ଆସନ ଜିତିବା ପରେ ମଧ ସାଧାରଣ ଛାତ୍ରୀଛାତ୍ରଙ୍କୁ ଏତେ ଭୟ କାହିଁକି। ଉଚ୍ଚ ଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ନିଜେ ଦିନେ ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ସଭାପତି ଥିଲେ। ସେ ନିଜେ ନିର୍ବାଚନ ବାତିଲ ନିଷ୍ପତ୍ତି ନେବା ବେଳେ ଟିକେ ମଧ୍ୟ ଚିନ୍ତା କଲେ ନାହିଁ। ଗତ କିଛି ଦିନ ହେବ ମନ୍ତ୍ରୀ ସାହୁ ଉତ୍କଳ ବିଶ୍ୱବିଦ୍ୟାଳୟର ନୂତନ ବିଦ୍ୟାର୍ଥୀଙ୍କ ସ୍ୱାଗତ ଉତ୍ସବରେ ଯୋଗଦେବା, ଭିଡିଓ କନଫରେନ୍ସିଂ ମାଧ୍ୟମରେ ସମସ୍ତ ଅଧକ୍ଷମାନଙ୍କ ସହ କଥା ହେବା ସବୁ ନାଟକ ବାଜି ଥିଲା। ଆଜିର ଛାତ୍ର, ଆଗାମୀ ଦିନର ନାଗରିକ। ସେମାନଙ୍କୁ ଗଣତାନ୍ତ୍ରିକ ବ୍ୟବସ୍ଥା ସହ ପରିଚିତ କରିବା ବଦଳରେ ଅଗଣତାନ୍ତ୍ରିକ ଉପାୟରେ ନିର୍ବାଚନ ବନ୍ଦ କରିବା ନିନ୍ଦନୀୟ। ଏହାର ଜବାବ୍ ଆଗାମୀ ଦିନରେ ଛାତ୍ର ସମାଜ ଦେବ ବୋଲି ସେ କହିଛନ୍ତି । ସେହିଭଳି ପୂର୍ବତନ ଛାତ୍ର ନେତା ତଥା ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ର ସଂସଦ ପୂର୍ବତନ ସମ୍ପାଦକ, କଂଗ୍ରେସ ନେତା ପୀତବାସ ପଣ୍ଡା ଏହି ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ଛାତ୍ର ସଂସଦ ନିର୍ବାଚନରେ କଳା ଟଙ୍କା, ବାହୁବଳ, ଶାସନକଳ ଓ ରାଜନୈତିକ କ୍ଷମତାର ଅପବ୍ୟବହାର ହିଁ ହିଂସାର କାରଣ। ଏହାର ନିରାକରଣ ପରିବର୍ତ୍ତେ ନିର୍ବାଚନ ବନ୍ଦ କରିବା କିମ୍ବା ପଛ ଦୁଆର ଦେଇ ନିଜ ସମର୍ଥିତ ଛାତ୍ରୀଛାତ୍ରଙ୍କୁ ଥଇଥାନ କରିବା ପାଇଁ ରାଜ୍ୟ ସରକାରଙ୍କ ଷଡଯନ୍ତ୍ର ନିନ୍ଦନୀୟ। ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଏନ୍. ଧନଞ୍ଜୟ ରାଓ ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ସେହିଭଳି ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ ସଭାପତି ସଚିନ କୁମାର ପଣ୍ଡା ମଧ୍ୟ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି । କ୍ୟାମ୍ପସ୍‌ରେ ଶିକ୍ଷାର ମାନ ବଢ଼ିବ। ବିଶୃଙ୍ଖଳା ଦେଖାଦେବ ନାହିଁ। ୭୫ପ୍ରତିଶତ ଉପସ୍ଥାନକୁ ଗୁରୁତ୍ୱ ଦେଇ ଶିକ୍ଷାନୁଷ୍ଠାନର ଉନ୍ନତି ଉପରେ ଧ୍ୟାନ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି ।

## ମୃତ୍ୟୁପରେ ବୃଦ୍ଧାଙ୍କ ଚକ୍ଷୁଦାନ



ବ୍ରହ୍ମପୁର ଅଫିସ,୨୩।୮

ହରିଡ଼ାଖଣ୍ଡି ଅଞ୍ଚଳ ବଡ଼ ରେଡିକା ସାହିର ଏ.ଶଶିରେଖା ପାତ୍ରଙ୍କର ୯୪ବର୍ଷ ବୟସରେ ଗୁରୁବାର ରାତିରେ ମୃତ୍ୟୁ ହୋଇଛି। ମୃତ୍ୟୁ ପରେ ତାଙ୍କର ଚକ୍ଷୁଦାନ କରାଇଛନ୍ତି ପରିବାର ବର୍ଗ। ଫ୍ରେଣ୍ଡସ୍ ହେଲପିଂ କ୍ଲବ ପରାମର୍ଶ କ୍ରମେ ପରିବାରବର୍ଗ ଏହି ପଦକ୍ଷେପ ନେଇଛନ୍ତି। ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ଚକ୍ଷୁ ବିଭାଗର ଡା. ସମୀର ଦାସ, ଡା. ବିଜୟ ନାୟକ, ଡା. ନୈନା ଏବଂ ଡା. ମେଘା ପ୍ରମୁଖ ଚକ୍ଷୁ ସଂଗ୍ରହ କରିଥିଲେ। ଚଳିତ ମାସରେ ଏହା ହେଉଛି ଚତୁର୍ଥ ଚକ୍ଷୁଦାନ। ଫ୍ରେଣ୍ଡସ୍ ହେଲପିଂ କ୍ଲବର କେ.ପି.କେ. ସୁବୁଦ୍ଧି, ଭି.ଭେଙ୍କଟରାମଣା ରାଜୁ, ଇପାରି ଜଗଦୀଶ୍ୱର ରାଓ, ଏମ୍. ସନ୍ତୋଷ, ଏସ୍. ହରିନାଥ ଓ ରାଧା ପ୍ରସାଦ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବକଙ୍କୁ ଘାତକ ଆକ୍ରମଣ ଘଟଣାରେ ୨ ଗିରଫ



**ବ୍ରହ୍ମପୁର ଅଫିସ,୨୩।୮:** ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ଘାତକ ଆକ୍ରମଣ କରାଯାଇଥିବା ଘଟଣାରେ ବଡବଜାର ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୨ ଜଣଙ୍କୁ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ ଧର୍ମନଗରର ରଞ୍ଜନ ଘଡେଇ ଓ ବିଶାଲ ବେହେରା। ମାମଲା ନଂ.୧୩୭/୧୯ରେ ସେମାନଙ୍କୁ ଗିରଫ କରାଯାଇଥିବା ବେଳେ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ମିଶ୍ର ସୂଚନା ଦେଇଛନ୍ତି। ଏହି ଘଟଣାରେ ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ମଧ ଖୁବଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।
ପ୍ରକାଶ ଯେ, ସାନବଜାର ଛକରେ ଥିବା ଏକ ମଦ ଦୋକାନରେ କେତେଜଣ ଯୁବକ ଗତ ୨୦ ତାରିଖ ରାତିରେ ମଦ୍ୟପାନ କରିଥିଲେ। ପରେ ସେମାନେ ମଦ କିଣିବା ଟଙ୍କା ପୈଠ ନ କରି ଝଗଡା କରିଥିଲେ। ଖବର ପାଇ ଦୋକାନ ମାଲିକ କୃଷ୍ଣ ସେଠୀଙ୍କ ପୁଅ ଗୌରବ ସେଠାରେ ପହଞ୍ଚିଥିଲେ। ରାତି ୧୧ଟା ବେଳେ ଘଟଣାର ସମାଧାନ କରିବାକୁ ଗୌରବଙ୍କୁ ସୀତାଡ଼ିମ୍ଫିରା ସାହିକି ଡକାଯାଇଥିଲା। ସେଠାରେ ଦୁର୍ବୃତ୍ତମାନେ ଗୌରବଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିବା ସହ ତାଙ୍କ ମୁଣ୍ଡରେ ପଥର ଛେଚି ହତ୍ୟା ଉଦ୍ୟମ କରିଥିଲେ।

## ଗୁପ୍ତା ଭର୍ତ୍ତି ବ୍ୟାଗ ଚୋରି

**ବ୍ରହ୍ମପୁର ଅଫିସ,୨୩।୮:** ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ନୂଆ ଖଜୁରିଆ ଜାତୀୟ ରାଜପଥ କଡରେ ଶୁକ୍ରବାର ଅପରାହ୍ନରେ ଜଣେ ବ୍ୟବସାୟୀ ଚା ପିଉଥିବା ବେଳେ ତାଙ୍କ ଗାଡିରୁ କେହି ଦୁର୍ବୃତ୍ତ ଗୁପ୍ତା ଭର୍ତ୍ତି ବ୍ୟାଗଟି ନେଇଯାଇଛନ୍ତି। ଏନେଇ ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ମିଶ୍ର ସୂଚନା ଦେଇଛନ୍ତି। ଅନ୍ୟପଟେ ଶୁକ୍ରବାର ରାତି ୮ଟା ଯାଏ ଏନେଇ କେହି ଥାନାରେ ଅଭିଯୋଗ କରି ନ ଥିବା ଥାନାଧିକାରୀ ସୁମିତ କୁମାର ସୋରେନ କହିଛନ୍ତି।


ବ୍ରହ୍ମପୁର ଗୋଷାଣୀନୂଆଗାଁ ଗୋକୁଳଧାମରେ ଜନ୍ମାଷ୍ଟମୀ ଅବସରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଚାଲିଛି । (ଫଟୋ: ସମୀର)

## କୃଷ୍ଣଙ୍କୁ ଝୁରୁଛନ୍ତି ଜରାଶ୍ରମରେ ଦେବକୀ, ବସୁଦେବ

ବ୍ରହ୍ମପୁର ଅଫିସ,୨୩।୮

ପୁରାଣରେ ବର୍ଣ୍ଣିତ ହୋଇଛି ନିଜ ମୃତ୍ୟୁ ଭୟରେ ବସୁଦେବ ଏବଂ ଦେବକୀଙ୍କୁ କାରାଗାରରେ ବନ୍ଦୀ କରି ରଖିଥିଲେ କଂସ। ଏକ ଆଶ୍ଚର୍ଯ୍ୟଜନକ ଘଟଣା କ୍ରମରେ କୃଷ୍ଣ ଜନ୍ମ ହେଲେ ଏବଂ ଗୋପପୁରରେ ବଢ଼ିଲେ। ବଡ଼ ହେବା ପରେ କଂସକୁ ହତ୍ୟା କରି ନିଜ ମା' ବାପାଙ୍କୁ କାରାଗାରରୁ ବାହାର କଲେ। ନିଜ ମା' ବାପାଙ୍କ ପ୍ରତି ହୋଇଥିବା ଅନ୍ୟାୟର ପ୍ରତିଶୋଧ ନେଲେ। କିନ୍ତୁ ଆଜି ସମୟ ବଦଳି ଯାଇଛି। ଜରାଶ୍ରମରେ ବନ୍ଦୀ ଭଳି ଜୀବନ ଜିଉଥିବା ମା' ବାପାମାନେ ସେମାନଙ୍କ ପୁଅ କୃଷ୍ଣଙ୍କୁ ଅପେକ୍ଷା କରିଛନ୍ତି। ହେଲେ ସେମାନଙ୍କୁ ମୁକ୍ତି ଦେଇ ଘରକୁ ଫେରାଇ ନେବା ପାଇଁ ଆସୁନାହାନ୍ତି ପୁଅ କୃଷ୍ଣ। ତଥାପି ସେମାନଙ୍କ ଅପେକ୍ଷା ଶେଷ ହୋଇନି ବୋଲି ଗୋପାଳପୁରସ୍ଥିତ ଜରା ନିବାସରେ ଶୁକ୍ରବାର ଜନ୍ମାଷ୍ଟମୀ ପାଳନ ବେଳେ କେତେକ ବୃଦ୍ଧ ମା' ବାପା ରୁଦ୍ଧ କଣ୍ଠରେ ପ୍ରକାଶ କରିଛନ୍ତି । ଜୀବନ ସାୟାହ୍ନରେ ପହଞ୍ଚିଥିବା ଏହି ମା' ବାପାମାନେ ଶୁକ୍ରବାର ଜନ୍ମାଷ୍ଟମୀରେ ନିଜ ପୁଅମାନଙ୍କୁ ମନେ ପକାଇ ଥିଲେ। ଜନ୍ମାଷ୍ଟମୀ ଦିନ ଯେଉଁ ପୁଅକୁ କୃଷ୍ଣ ବେଶରେ ସଜାଇଥିଲେ, ସେଇ ପୁଅ କ'ଣ କୃଷ୍ଣଙ୍କଠାରୁ ମା' ବାପାଙ୍କ ପ୍ରତି ଭଲପାଇବା, ଆଦର ଆଦୌ ଶିଖି ପାରିଲେନି ବୋଲି ସେମାନେ କୋହ ସମ୍ଭାଳି ନ ପାରି କହିଛନ୍ତି । ଲୁହ ଛଳ ଛଳ ଆଖିରେ ସେମାନଙ୍କ ପିଲାମାନଙ୍କ ଆସିବା ବାଟକୁ ଚାହିଁ ବସିଛନ୍ତି । ଅଜଣା ଆଗନ୍ତୁକଙ୍କ ପାଦ ଶବ୍ଦରେ ଧଡ଼ପଡ଼ ହୋଇ ଯାଉଛନ୍ତି। ବୋଧେ ସେମାନଙ୍କ ପିଲାମାନେ ଆସିଥିବେ । ଶୁକ୍ରବାର ଜୟ ଜଗନ୍ନାଥ ଗ୍ରୁପର ସଦସ୍ୟା ସଦସ୍ୟମାନେ ଜରା ନିବାସରେ ପହଞ୍ଚି ସେମାନଙ୍କ ସହ ଜନ୍ମାଷ୍ଟମୀ ପାଳନ କରିଥିଲେ। ସେହି ଅବହେଳିତ ଦେବକୀ ଓ ବସୁଦେବମାନଙ୍କ ସହିତ ସେମାନଙ୍କ ଶୁଖିଲା ଓଠରେ ଟେନାଏ ହସ ଖେଳାଇଥିଲେ। ଦୁଃଖ ଓ ପ୍ରତୀକ୍ଷାର ଲୁହକୁ ଆନନ୍ଦାଶ୍ରୁରେ ପରିବର୍ତ୍ତନ କରିଥିଲେ। ଗ୍ରୁପର ପ୍ରତିଷ୍ଠାତା ଶିବଶଙ୍କର ଦାଶଙ୍କ ଦିଗ୍‌ଦର୍ଶନରେ ଆଡମିନ୍ କାର୍ତ୍ତିକ ପାଣିଗ୍ରାହୀ, ସଭାପତି ରାଜେନ୍ଦ୍ର ପାତ୍ର, ଅଜିତ ପାତ୍ର, ମମତା ପାତ୍ର, ଅଙ୍କିତା ପାତ୍ର, ମିଡିଆ ମୁଖପାତ୍ର ରଞ୍ଜନା ମିଶ୍ର, ଶ୍ରୀକାନ୍ତ ସାହୁ,ସୁସ୍ମିତା ସାହୁ, ରୋହିତ ପାତ୍ର, ବିଷ୍ଣୁପ୍ରିୟା ପାଢ଼ୀ, ମମତା ପଣ୍ଡା, ସାବିତ୍ରୀ ଦେବତା, ଅମରେଶ କହଁର ଓ ଅନ୍ୟମାନେ ଏହି ଅବସରରେ ଜରାଶ୍ରମର ସମସ୍ତ ଅନ୍ତେବାସୀଙ୍କୁ ନୂତନ ବସ୍ତ୍ର ଉପହାର ଦେବା ସହ ଭୂରିଭୋଜନର ଆୟୋଜନ କରାଯାଇଥିଲା।


ଅନ୍ତେବାସୀଙ୍କ ସହ ଜନ୍ମାଷ୍ଟମୀ ପାଳନ କରାଯାଉଛି ।

## ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

ବ୍ରହ୍ମପୁର ଅଫିସ,୨୩।୮

ଗୋଷାଣୀନୂଆଗାଁ ରାଜାରାଣୀ କନ୍‌କ୍ଲେଭ ମାର୍କେଟ କମ୍ପ୍ଲେକ୍ସ ପରିସରରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଅଧକ୍ଷ ତଥା ଡିନ୍ ପ୍ରଫେସର ଡା. ରାଧାମାଧବ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଭୁବନେଶ୍ୱର ଏକ ଘରୋଇ ହସ୍‌ପିଟାଲ ସଂଯୋଜକ ସନ୍ତୋଷ ଷଡ଼ଙ୍ଗୀ, ମ୍ୟାନେଜର ସୁଶାନ୍ତ କୁମାର ମହାନ୍ତି, ଜେନେରାଲ ମ୍ୟାନେଜର ଡା. ସବିତ ଦାଶ, ଦନ୍ତ ବିଭାଗ ଡା. ଏସ୍. ବହିଦାର ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଶିବିରରେ ଶତାଧିକ ରୋଗୀଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଶଶାଙ୍କ କିରଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଆଶୋକ କୁମାର ପାଳ, ଆଶୁତୋଷ ପଣ୍ଡା ଓ ସରୋଜ ରାମ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ

ବ୍ରହ୍ମପୁର ଅଫିସ,୨୩।୮

ବ୍ରହ୍ମପୁର ବାସୁଦେବ ନଗରସ୍ଥିତ ମା' ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ରହ୍ମପୁର ପୂର୍ବତନ ବିଧାୟକ ତଥା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟ ଶିକ୍ଷା କମିଟି ସଭାପତି ଡ. ସୁବାସ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ପ୍ରତାପ ଚନ୍ଦ୍ର ପାଣିଗ୍ରାହୀ, ଆବାସିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉଷାରାଣୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ମଣ୍ଡଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ସବ ପାଳନର ଆଭିମୁଖ୍ୟ ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶିଶୁମାନଙ୍କ ମଧ୍ୟରେ ସାଂସ୍କୃତିକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୁନି ଶିଶୁମାନଙ୍କୁ ରାଧାକୃଷ୍ଣଙ୍କ ବେଶରେ ସଜ୍ଜିତ କରାଯାଇଥିଲା। ମୃତ୍ୟୁଞ୍ଜୟ ବିଷୋୟୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ଶତପଥୀ ଧନ୍ୟବାଦ ଦେଇଥିଲେ ।


ଛାତ୍ରୀମାନେ ସାଂସ୍କୃତିକ ନୃତ୍ୟ ପରିବେଷଣ କରୁଛନ୍ତି।

## ଛାତ୍ର ସଂସଦ ନିର୍ବାଚନ ବାତିଲ : ଛାତ୍ରୀଛାତ୍ରଙ୍କ ପ୍ରତିକ୍ରିୟା

*ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ପୂର୍ବରୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହାକୁ ବାତିଲ କରାଯାଇଛି । ଗୁରୁବାର ରାଜ୍ୟ ଉଚ୍ଚଶିକ୍ଷା ସଚିବ ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି ଓ ମହାବିଦ୍ୟାଳୟ ଅଧକ୍ଷଙ୍କୁ ଏନେଇ ଚିଠି କରିଛନ୍ତି । ଛାତ୍ର ସଂସଦ ନିର୍ବାଚନ ବାତିଲ ଘୋଷଣା ପରେ ଛାତ୍ରନେତା ଓ ବିଦ୍ୟାର୍ଥୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଗତ ବର୍ଷ ତିତ୍‌ଲି ଆଳ ଦେଖାଇ ଦିନକ ପୂର୍ବରୁ ଛାତ୍ର ସଂସଦ ନିର୍ବାଚନ ସରକାର ବାତିଲ କରିଥିଲେ। ଫଳରେ ଛାତ୍ରନେତାଙ୍କ ସ୍ୱପ୍ନ, ପରିଶ୍ରମ ଧୂଳିସାତ ହୋଇଥିଲା । ଚଳିତ ବର୍ଷ ନିର୍ବାଚନ ଆରମ୍ଭ ପୂର୍ବରୁ ବିନା କାରଣରେ ଏହା ବାତିଲ କରିବାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏହାଦ୍ୱାରା ଛାତ୍ରନେତା ବାଛିବା ନେଇ ବିଦ୍ୟାର୍ଥୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ଛିନ୍ନ କରାଯାଉଥିବା ନେଇ ଅନେକ ଛାତ୍ରୀଛାତ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଛାତ୍ରନେତା, ଛାତ୍ରୀଛାତ୍ରଙ୍କ ମିଶ୍ର ପ୍ରତିକ୍ରିୟାକୁ ନେଇ ଧରିତ୍ରୀର ସ୍ୱତନ୍ତ୍ର ଉପସ୍ଥାପନା*



"ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏଭଳି ଘୋଷଣାର କାରଣ କିଛି ବୁଝି ହେଉନାହିଁ। ବିଗତ ବର୍ଷ ତିତ୍‌ଲି ଆଳ ଦେଖାଇ ଛାତ୍ର ସଂସଦ ନିର୍ବାଚନକୁ ଦିନକ ପୂର୍ବରୁ ଅଚାନକ ବାତିଲ କରାଯାଇଥିଲା। ଯଦି ଛାତ୍ରସଂସଦ ନିର୍ବାଚନ ହିଂସାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଏଭଳି ନିଷ୍ପତ୍ତି ନିଆଯାଇଛି। ତେବେ ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ଆଣିବା କ୍ଷେତ୍ରରେ ପଦକ୍ଷେପ ନିଆଯିବା ଆବଶ୍ୟକ । ରାଜନୈତିକ ଦଳଠାରୁ ଦୂରେଇ ନିର୍ବାଚନ କରାଯିବା ଦରକାର। ତାହା ନ କରି ନିର୍ବାଚନକୁ ସମ୍ପୂର୍ଣ୍ଣ ବାତିଲ କରିବା ଉଚିତ ନୁହଁ।

**–ବିଶ୍ୱଜିତ ଲେଙ୍କା, ପୂର୍ବତନ ଛାତ୍ରସଂସଦ ସମ୍ପାଦକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**



"ଅଗଣତାନ୍ତ୍ରିକ ଭାବେ ଛାତ୍ରମାନଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରିବାକୁ ରାଜ୍ୟ ସରକାରଙ୍କର ଏହା ଏକ ଚକ୍ରାନ୍ତ । ଏହାଦ୍ୱାରା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସମସ୍ୟାକୁ ନେଇ ଛାତ୍ରୀଛାତ୍ରଙ୍କ ସ୍ୱର ଦବାଇ ଦେବାକୁ ପ୍ରୟାସ କରାଯାଇଛି । ଛାତ୍ରସଂସଦ ନିର୍ବାଚନ ନ ହେଲେ ରାଜ୍ୟର ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟଗୁଡ଼ିକରେ ଥିବା ସମସ୍ୟା ସମାଧାନ ହୋଇପାରିବ ନାହିଁ।

**–ହେମନ୍ତ ରେଡ୍ଡୀ, ଛାତ୍ର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

"ଗତ ଛାତ୍ର ସଂସଦ ନିର୍ବାଚନ ବନ୍ଦ ହେବା ପରେ ଚଳିତ ବର୍ଷ ନିର୍ବାଚନକୁ ନେଇ ବହୁ ଆଶା ରହିଥିଲା । କିନ୍ତୁ ଏ ବର୍ଷ ରାଜ୍ୟ ସରକାରଙ୍କ ଅଚାନକ ବାତିଲ ଘୋଷଣା ପରେ ସମସ୍ତ ଆଶା ଧୂଳିସାତ ହୋଇଯାଇଛି। ବିଗତ ବର୍ଷ ଛାତ୍ରସଂସଦ ଗଠନ ହୋଇ ନ ଥିବାରୁ ବହୁ ସମସ୍ୟାର ସମାଧାନ ହୋଇନାହିଁ। ଛାତ୍ର ସଂସଦ ଦ୍ୱାରା ପ୍ରତିବର୍ଷ ନୂତନ ଛାତ୍ରୀଛାତ୍ରଙ୍କ ନାମଲେଖା ବେଳେ ଖୋଲୁଥିବା ହେଲ୍ପ ଡେସ୍କ ହୋଇପାରି ନାହିଁ। ଫଳରେ ନାମ ଲେଖାଇବାକୁ ଆସୁଥିବା ବିଦ୍ୟାର୍ଥୀଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ମହାବିଦ୍ୟାଳୟ ହେଉ କିମ୍ବା ବିଶ୍ୱବିଦ୍ୟାଳୟ ବିଦ୍ୟାର୍ଥୀଙ୍କ ସମସ୍ୟା ସମାଧାନ ଦିଗରେ କାମ କରୁଥିବା ଛାତ୍ର ସଂସଦ ଗଠନକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଉଚିତ ନୁହଁ।



**–ଶ୍ରାବଣୀ ପ୍ରଧାନ, ଛାତ୍ରୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

"ଛାତ୍ରସଂସଦ ନିର୍ବାଚନରେ ଛାତ୍ର ପ୍ରତିନିଧି ବାଛିବା ପ୍ରତ୍ୟେକ ଛାତ୍ରଙ୍କ ଗଣତାନ୍ତ୍ରିକ ଅଧିକାର। କାରଣ ଛାତ୍ରୀଛାତ୍ରମାନେ ଭବିଷ୍ୟତ ନାଗରିକ। ଛାତ୍ରସଂସଦ ନିର୍ବାଚନ ବାତିଲ ଦ୍ୱାରା ବିଦ୍ୟାର୍ଥୀଙ୍କ ଅଧିକାର କ୍ଷୁର୍ଣ୍ଣ ହୋଇଛି। ନିର୍ବାଚନକୁ ସମ୍ପୂର୍ଣ୍ଣ ବାତିଲ ନ କରି ଶାନ୍ତିଶୃଙ୍ଖଳା ସହ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।



**–ସଚିନ ପଣ୍ଡା, ପୂର୍ବତନ ସଭାପତି, ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ**

"ନିର୍ବାଚନ ନ ହେଲେ ଛାତ୍ରମାନଙ୍କ ଏକତା ଭାଙ୍ଗିଯିବ । ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ନିଜର ଅଧିକାରରୁ ବଞ୍ଚିତ ହେବେ। ଛାତ୍ରମାନଙ୍କ ନେତୃତ୍ୱ ତଥା ଅନ୍ତର୍ନିହିତ ପ୍ରତିଭାର ବିକାଶ ଦୃଷ୍ଟିରୁ ଏହାକୁ ସମ୍ପୂର୍ଣ୍ଣ ବାତିଲ ନ କରି ଛାତ୍ରନେତା ବାଛିବା ଦିଗରେ ବିକଳ୍ପ ବ୍ୟବସ୍ଥା କରିବା ଆବଶ୍ୟକ।



**–ଦେବାଶିଷ ମିଶ୍ର, ପୂର୍ବତନ ଛାତ୍ରନେତା**

"ରାଜ୍ୟର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ବେଳେ ଦେଖା ଦେଉଥିବା ଛାତ୍ର ଅଶାନ୍ତିରେ ହିଂସାକୁ ଦୃଷ୍ଟି ରଖି ଯଦି ରାଜ୍ୟ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଥାନ୍ତି , ତେବେ ଏହା ଏକ ପ୍ରକାର ସ୍ୱାଗତଯୋଗ୍ୟ । କିନ୍ତୁ ଅନ୍ୟପକ୍ଷରେ ଦେଖିବାକୁ ଗଲେ ଏହି ନିଷ୍ପତ୍ତି ଦ୍ୱାରା ଛାତ୍ରୀଛାତ୍ରଙ୍କ ଛାତ୍ରନେତା ବାଛିବାର ଅଧିକାର ସମ୍ପୂର୍ଣ୍ଣ କ୍ଷୁର୍ଣ୍ଣ ହେଉଛି । ବିଦ୍ୟାର୍ଥୀଙ୍କ ସମସ୍ୟାକୁ କର୍ତ୍ତୃପକ୍ଷଙ୍କ ଆଗରେ ଉପସ୍ଥାପିତ କରିବା ପାଇଁ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ରନେତା ଜଣେ ରହିବା ଆବଶ୍ୟକ ।



**– ପ୍ରଶାନ୍ତ କୁମାର ପଣ୍ଡା, ବିଜୁ ଛାତ୍ରଜନତା ଦଳ, ଗଞ୍ଜାମ ଜିଲା ସଭାପତି**

# ମଠ, ମନ୍ଦିର ସୁରକ୍ଷା ପାଇଁ ହିନ୍ଦୁମାନେ ଏକ ହୁଅ

**ତୁମୁଡିବନ୍ଧ/ବାଲିଗୁଡା/ଶଙ୍କରାଖୋଲ, ୨୩।୮ (ଡି.ଏନ୍.ଏ.)**

୨୦୦୮ ଅଗଷ୍ଟ ୨୩ରେ ପଡିଥିଲା ଜନ୍ମାଷ୍ଟମୀ। ପୂଜା ଚାଲିଥିବାବେଳେ କେତେଜଣ ଦୁର୍ବୃତ୍ତ କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ଜଲେଶପଟା ଆଶ୍ରମ ପରିସରରେ ପଶି ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସମେତ ତାଙ୍କର ଅନ୍ୟ ୪ ସହଯୋଗୀଙ୍କୁ ଗୁଳିକରି ହତ୍ୟା କରିଥିଲେ। ଉକ୍ତ ଘଟଣାର ଠିକ ୧୧ ବର୍ଷ ପରେ ପୁଣି ସେହି ଅଗଷ୍ଟ ୨୩ରେ ପଡିଛି ଜନ୍ମାଷ୍ଟମୀ।

ତୁମୁଡିବନ୍ଧସ୍ଥିତ ଜଲେଶପଟା ଶଙ୍କରାଚାର୍ଯ୍ୟ ସଂସ୍କୃତ କନ୍ୟାଶ୍ରମରେ ସ୍ୱାମୀଜୀଙ୍କ ଶ୍ରାଦ୍ଧବାର୍ଷିକୀ ଶୁକ୍ରବାର ପାଳିତ ହୋଇଯାଇଛି। କନ୍ୟାଶ୍ରମର ଅନ୍ତେବାସୀମାନେ ସକାଳୁ ଗୀତା ପାଠ, କଳସ ଯାତ୍ରା, ଗୋ ପୂଜା କରିଥିଲେ। ପୂର୍ବାହ୍ନ ୧୧ଟାରେ ସ୍ୱାମିଜୀଙ୍କ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବର୍ତ୍ତମାନ ଆଶ୍ରମ ଦାୟିତ୍ୱରେ ଥିବା ସ୍ୱାମୀ


ଜଲେଶପଟା ଆଶ୍ରମରେ ହୋମଯଜ୍ଞ ଚାଲିଛି।


କନ୍ୟାଶ୍ରମ ଅନ୍ତେବାସୀମାନେ।

ମୁକ୍ତାନନ୍ଦ ଜୀ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସେବା ପ୍ରମୁଖ ସୁନିଲ ଗୋସ୍ୱାମୀ, ବିଶ୍ୱହିନ୍ଦୁ ପରିଷଦ ପ୍ରାନ୍ତ ସେବା ପ୍ରମୁଖ ହରିଶ ପ୍ରଧାନ, ମହିମା ଧର୍ମ ବାବା ପ୍ରଭାକର ଦାଶ, ଡା. ହିରାଲାଲ ପ୍ରଧାନ, ସମର୍ପଣ ଚାରିଟେବୁଲ ଟ୍ରଷ୍ଟର ଅଜିତ ବାରିକ, ଆଶ୍ରମ ପରିଚାଳନା କମିଟି ସଭାପତି ଲୋକନାଥ ପାତ୍ର, ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ, ବାଲିଗୁଡା ପୂର୍ବତନ ବିଧାୟକ କରେନ୍ଦ୍ର ମାଝି, ନେତ୍ର ମାନସେଠ୍, କନ୍ଧମାଳ ଧର୍ମ ଜାଗରଣ ସାମୁଖ୍ୟ ପ୍ରମୁଖ ଗୁରୁରାମ ପାତ୍ର, ତୁମୁଡିବନ୍ଧ ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ସମେତ ଅନେକ ସାଧୁସନ୍ଥ ରାଜନୈତିକ ନେତା ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ। କନ୍ଧମାଳ ଜିଲା ବନବାସୀଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, କୃଷିର ଉନ୍ନତି ଓ ଆଦିବାସୀ ସଂସ୍କୃତି ପରମ୍ପରାର ସଂରକ୍ଷଣ ପାଇଁ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଅହରହ ଉଦ୍ୟମ ବିଷୟରେ ବକ୍ତାମାନେ ସ୍ମୃତିଚାରଣ କରିଥିଲେ। ମଠ, ମନ୍ଦିରର ସୁରକ୍ଷା ପାଇଁ ହିନ୍ଦୁମାନେ ଏକ ହୋଇ ଏକ ଅଖଣ୍ଡ ଭାରତ ଗଠନ କରିବାକୁ ସ୍ୱାମୀ ଜୀବନ ମୁକ୍ତାନନ୍ଦଜୀ ଆହ୍ୱାନ ଦେଇଥିଲେ। ଦୁଇଟି ତଦନ୍ତ କମିଶନଙ୍କ ରିପୋର୍ଟକୁ କାହିଁକି ସାର୍ବଜନୀନ କରାଯାଉନାହିଁ, ସ୍ୱାମୀଜିଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ କରି ପ୍ରକୃତ ଦୋଷୀକୁ ଦଣ୍ଡବିଧାନ କରାଯାଇ ବୋଲି ସେ ଦାବି କରିଛନ୍ତି। ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ଆଶ୍ରମ ସମ୍ପାଦିକା ସନ୍ଧ୍ୟାରାଣୀ ତ୍ରିପାଠି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କନ୍ୟାଶ୍ରମର ପ୍ରଧାନ

## ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶ୍ରାଦ୍ଧବାର୍ଷିକୀ

ଆଚାର୍ଯ୍ୟା ରାଜଲକ୍ଷ୍ମୀ ନାୟକ ଶେଷରେ ଶାନ୍ତି ପାଠ କରିଥିଲେ। ଜନ୍ମାଷ୍ଟମୀ ଓ ଶ୍ରାଦ୍ଧବାର୍ଷିକୀକୁ ଦୃଷ୍ଟିରେ ରଖି ତୁମୁଡିବନ୍ଧ ପୋଲିସ ପକ୍ଷରୁ ୨ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଦୁଇଜଣ ଡି.ଏସ୍.ପି ଉପସ୍ଥିତ ରହି ଆଇନ ଶୃଙ୍ଖଳା ଉପରେ ନଜର ରଖିଥିଲେ। ଏଥିସହ ସିଆର୍‌ପିଏଫ୍ ଯବାନଙ୍କ ଦ୍ୱାରା କୋମ୍ବିଂ ଅପେରେସନକୁ ଜୋରଦାର କରାଯାଇଥିବା ତୁମୁଡିବନ୍ଧ ଥାନା ଭାରପ୍ରାପ୍ତ ଅଧିକାରୀ ବାବା ଶଙ୍କର ଶରାଫ ସୂଚନା ଦେଇଛନ୍ତି।

ସେହିପରି ଚକାପାଦଠାରେ ଥିବା ସ୍ୱାମୀଜୀଙ୍କ ଗୁରୁକୁଳ ଆଶ୍ରମରେ ତାଙ୍କ ଉତ୍ତରାଧିକାରୀ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଇଥିଲା। ସୂର୍ଯ୍ୟପୂଜା, ଗୋପୂଜା, ଭୂମିପୂଜା, ସ୍ୱଟିକ ଲିଙ୍ଗ ପୂଜନ କରାଯାଇଥିଲା। ଏହାପରେ ଆଶ୍ରମସ୍ଥିତ ସ୍ୱାମୀଜୀଙ୍କ ସମାଧୀ ପୀଠରେ ହୋମଯଜ୍ଞ, ନାମଯଜ୍ଞ, ରୁଦ୍ରାଭିଷେକ, ସମାଧୀ ଅଭିଷେକ ଓ ଆରାଧନା କରାଯାଇଥିଲା। ପରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପୁରୀର ସ୍ୱାମୀ ଅଭେଦାନନ୍ଦ ସରସ୍ୱତୀ, କରାମଳା ପୁରୀ ମଠର ବାବା ଅକ୍ଷୟ ଦାସ, ଛଟିଆବଟର କୃଷ୍ଣାନନ୍ଦ ଦାସ, ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀନାରାୟଣ ନନ୍ଦ, ଆଶ୍ରମ ପରିଚାଳକ କବିଚନ୍ଦ୍ର ନାଥ ପ୍ରମୁଖ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ସ୍ମୃତି ଚାରଣ କରିଥିଲେ। ସ୍ୱାମୀ ସଚ୍ଚିଦାନନ୍ଦ ତଦନ୍ତ କମିଶନଙ୍କ ରିପୋର୍ଟ ସାର୍ବଜନୀନ କରିବା ସହ ହିନ୍ଦୁମାନଙ୍କୁ ସୁରକ୍ଷା ଦେବାକୁ ଦାବି କରିଥିଲେ। ସୁରକ୍ଷା ଦୃଷ୍ଟିରୁ ଅତିରିକ୍ତ ଏସ୍‌ପି ବିଷ୍ଣୁପଦ ମହନ୍ତ, ଜି. ଉଦୟଗିରି ଏସ୍‌ଡିପିଓ ଜୟକୃଷ୍ଣ ବେହେରା, ଚକାପାଦ ଥାନା ଅଧିକାରୀ ତରୁଣ ତପନ ବେହେରା ସହ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲା।

## ସଂକ୍ଷେପରେ

### ଗଣଶିକ୍ଷକଙ୍କୁ ନିୟମିତ କରିବାକୁ ଦାବିପତ୍ର

**ଫୁଲବାଣୀ ଅଫିସ,୨୩।୮**-କନ୍ଧମାଳ ଜିଲା ଗଣଶିକ୍ଷକଙ୍କୁ ନିୟମିତ କରିବାକୁ ଦାବି ହୋଇଛି। ଫୁଲବାଣୀସ୍ଥିତ ଜଗନ୍ନାଥ ମନ୍ଦିରରେ ପାରା ଶିକ୍ଷକ ସଂଘ ପକ୍ଷରୁ ଅନୁଷ୍ଠିତ ବୈଠକରେ ଏହି ଦାବି ଜୋର ଧରିଛି। ସରକାର ଦାବି ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ସଂଘ ଚେତାବନୀ ଦେଇଛି। ଦାବି ସମ୍ବଳିତପତ୍ର ଜିଲା ଶିକ୍ଷାଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପ୍ରେରଣ କରାଯାଇଛି। ୨୦୧୧ ଅଗଷ୍ଟଠାରୁ ତାଲିମପ୍ରାପ୍ତ ପାରା ଶିକ୍ଷକ ବା ଗଣଶିକ୍ଷକଙ୍କୁ ଶିକ୍ଷା ସହାୟକ ଏବଂ ଏବଂ ଅଣ ତାଲିମପ୍ରାପ୍ତ ଶିକ୍ଷକଙ୍କୁ ପୁନଃନିଯୁକ୍ତି କରାଯାଇଥିଲା। ଏବେ ୮ ବର୍ଷ ପୂରିଲାଣି। ତେଣୁ ସମସ୍ତ ତାଲିମପ୍ରାପ୍ତଙ୍କୁ ନିୟମିତ କରାଯାଉ। ସରକାର ଏବେ ନିୟମିତ କରିବା ପରିବର୍ତ୍ତେ ଓଟିଇଟି ପାସ୍ କରିଥିବା ଶିକ୍ଷକଙ୍କୁ ନିୟମିତ କରିବା ପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ୨୦୧୧ରେ ଯେତବେଳେ ପାରା ଶିକ୍ଷକଙ୍କୁ ନିଯୁକ୍ତି ଦିଆଗଲା, ସେତବେଳେ ଓଆରଭି ଆକ୍ଟ ମାଧମରେ ପାରା ଶିକ୍ଷକଙ୍କୁ ଶିକ୍ଷା ସହାୟକ ଏବଂ ଗଣ ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିଲା। ସେଥିରେ ଓଟିଇଟି ବିଷୟରେ କିଛି ଉଲ୍ଲେଖ କରାଯାଇ ନ ଥିଲା। ତେଣୁ ସରକାର ଏଥିପ୍ରତି ଗୁରୁତ୍ୱ ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ବୈଠକରେ ପାରାଶିକ୍ଷକ ସଂଘ ସଭାପତି ଗଣପତି ପ୍ରଧାନ, ସମ୍ପାଦକ ପବିତ୍ର କୁମାର କାର୍ଜି, ପ୍ରଶନ୍ନ ନାୟକ, ସନାତନ ପ୍ରଧାନ, ଗଜେନ୍ଦ୍ର ପ୍ରଧାନ, ସୁଶାନ୍ତ ବେହେରା, ବିରୂପାକ୍ଷ ନାୟକ, ସୁକାନ୍ତ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଶେରଗଡ଼,୨୩।୮(ଡି.ଏନ.ଏ.)**-ଶେରଗଡ଼ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ ମିଶ୍ରଙ୍କ ବଦଳି କନିଷ୍ଠି ଉଚ୍ଚ ବିଦ୍ୟାଳୟକୁ ହୋଇଛି। ଏନେଇ ଗୁରୁବାର ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବିଇଓ ଭାସ୍କର ଲେଙ୍କା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୀମାଞ୍ଚଳ ପ୍ରଧାନ ଉପସ୍ଥିତ ଥିଲେ। ବିଦାୟୀ ଶିକ୍ଷକ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ଶିକ୍ଷକ ଶିକ୍ଷୟିତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ୨୦୧୫ରୁ ସେ ଏଠାରେ ପ୍ରଧାନ ଶିକ୍ଷକ ଭାବେ ଥିଲେ। ତାଙ୍କ ସମୟରେ ବିଦ୍ୟାଳୟରେ ପଞ୍ଚସଖା ମୂର୍ତ୍ତି, ବିଜୁଳି, ସାଉଣ୍ଡ ବ୍ୟବସ୍ଥା, ସିସିଟିଭି, ବିଦ୍ୟାଳୟ ପରିସରରେ ଏକ ଶିଶୁ ଉଦ୍ୟାନ, ପାଠାଗାର ଆଦି ସ୍ଥାପନ ହୋଇପାରିଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ।

### ଜିଲାସ୍ତରୀୟ ଅଧିକାରୀଙ୍କ ସହ ଏମ୍‌ପିଙ୍କ ଆଲୋଚନା

**ଫୁଲବାଣୀ ଅଫିସ,୨୩।୮**-କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ଜିଲା ପରିଷଦ ବୈଠକ ପରେ ଜିଲାସ୍ତରୀୟ ଅଧିକାରୀମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଅଧିକାରୀମାନେ କାର୍ଯ୍ୟକ୍ଷେତ୍ରରେ ଉପୁଜୁଥିବା ସମସ୍ୟା ଏମ୍‌ପିଙ୍କୁ ଅବଗତ କରିଥିଲେ। ଜନସାଧାରଣଙ୍କୁ ସେବା ଯୋଗାଇ ଦେବା ସରକାରୀ ଅଧିକାରୀଙ୍କ କର୍ତ୍ତବ୍ୟ। କାର୍ଯ୍ୟ କ୍ଷେତ୍ରରେ ସମସ୍ୟା ଥାଇପାରେ। ହେଲେ ସେବା ଯୋଗାଇ ଦେବା ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହେବା ପାଇଁ ଏମ୍‌ପି ପରାମର୍ଶ ଦେଇଥିଲେ। ଜିଲାରେ ଥିବା ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ସମସ୍ୟା ସମାଧାନ ଦିଗରେ ଅଧିକ ଯତ୍ନବାନ ହୁଅନ୍ତୁ। ଠିକ୍ ସମୟରେ ଠିକ୍ ସେବା ଯୋଗାଇଦେଲେ ଲୋକେ ଉପରିସ୍ଥ ଅଧିକାରୀ କିମ୍ବା ଜନପ୍ରତିନିଧିଙ୍କ ନିକଟକୁ ଅଭିଯୋଗ ପଠାଇବେ ନାହିଁ ବୋଲି ସେ କହିଥିଲେ। ଜିଲାରୁ ପ୍ରାୟ ୮ ହଜାର ବେକାର ଯୁବତୀ ଯୁବକଙ୍କ ଏକ ତାଲିକା ପ୍ରସ୍ତୁତି ହୋଇଛି। ୨୦ରୁ ୨୫ଟି କମ୍ପାନୀ ଡାକି ଖୁବଶୀଘ୍ର ଜିଲାରେ ଏକ ନିଯୁକ୍ତି ମେଳା ହେବ ବୋଲି ଏମ୍‌ପି ସୂଚନା ଦେଇଥିଲେ। ସବୁ କାର୍ଯ୍ୟ ପାଇଁ ସମନ୍ୱୟର ଆବଶ୍ୟକତା ରହିଛି। ପ୍ରତ୍ୟେକ କ୍ଷେତ୍ରରେ ଜିଲାର ଲୋକ ପ୍ରତିନିଧି ଏବଂ ଅଧିକାରୀଙ୍କ ସହଯୋଗ ନିହାତି ଆବଶ୍ୟକ ବୋଲି କହିଥିଲେ। ଅନୁଷ୍ଠିତ ବୈଠକରେ ଜିଲାପାଳ ଡା.ବୃନ୍ଦା ଡି, ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ, ପିଡି ଡିଆରଡିଏ ବିଶ୍ୱନାଥ ବାରିକ, ଆଇଏଏସ୍ ପ୍ରୋବେଶନ ଡା.ଶୁଭଙ୍କର ମହାପାତ୍ର, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାସ ଏବଂ ବାଲିଗୁଡାର ରାଜେନ୍ଦ୍ର ରଣଜିତ୍ ଉପସ୍ଥିତ ଥିଲେ।

# ଚକାପାଦ ବ୍ଲକରେ ଆବାସ ଯୋଜନା ବାଟବଣା

## ଘର ସମ୍ପୂର୍ଣ୍ଣ ପରେ ହିତାଧିକାରୀଙ୍କୁ ମିଳୁନି ଟଙ୍କା

**ଶଙ୍କରାଖୋଲ,୨୩।୮(ଡି.ଏନ୍.ଏ)**

ଚକାପାଦ ବ୍ଲକର ବିଭିନ୍ନ ପଞ୍ଚାୟତ ଗ୍ରାମରେ ୨୦୧୪-୧୫ ଆର୍ଥିକ ବର୍ଷର ଇନ୍ଦିରା ଆବାସ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ବର୍ଷ ବର୍ଷ ଧରି ହିତାଧିକାରୀଙ୍କୁ ଅର୍ଥ ମିଳୁନି। ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହେଉଥିବା ନେଇ ହିତାଧିକାରୀ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଚକାପାଦ ବ୍ଲକରେ ୨୦୧୪-୧୫ ଆର୍ଥିକ ବର୍ଷରେ ଇନ୍ଦିରା ଆବାସ ଗୃହ ନିର୍ମାଣ ପାଇଁ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟାଯାଇଥିଲା। ଯାହାର ଅଟକଳ ମୂଲ୍ୟ ଥିଲା ୭୫ହଜାର। ୩ ମାର୍ଚ୍ଚ ୨୦୧୬ ସୁଦ୍ଧା ଘର ନିର୍ମାଣ ସାରିବାକୁ ବ୍ଲକ ପ୍ରଶାସନ ନିର୍ଦ୍ଦେଶ ଦେଇଥିଲେ। ଗୃହ ନିର୍ମାଣ ପାଇଁ ପ୍ରଥମ କିସ୍ତିରେ ୧୫ହଜାର, ପ୍ଲିଛ ଲେବେଲରେ ୫୦ହଜାର ଓ ଗୃହ ସମ୍ପୂର୍ଣ୍ଣ ହେଲେ ୧୦ହଜାର ଅର୍ଥରାଶି ପ୍ରଦାନ କରିବା ପାଇଁ କାର୍ଯ୍ୟାଦେଶରେ ନିୟମ ରହିଛି। କିନ୍ତୁ ବାସ୍ତବରେ କେବଳ କାଗଜ କଲମରେ ନିୟମ ଚାଲିଛି। ଏହାର ଉଦାହରଣ ଶଙ୍କରାଖୋଲ ଗ୍ରାମର କରୁଣାକର ବାଙ୍କ, ଅର୍ଜୁନ ବାଙ୍କ, ସୁଦସାହିର ଉର୍ମିଳା ଅମାତ୍ୟ ଇନ୍ଦିରା ଆବାସ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପାଇ ଧାର୍ଯ୍ୟ ସମୟସୀମା ମଧ୍ୟରେ ଘର ସମ୍ପୂର୍ଣ୍ଣ କରିଥିଲେ। କରୁଣାକର ୪୦ହଜାର, ଉର୍ମିଳା ୫୫ହଜାର, ଅର୍ଜୁନ ୧୫ହଜାର ଟଙ୍କା ପାଇଥିଲେ। ମାତ୍ର ଆଉ ବଳକା ଅର୍ଥ ମିଳୁନାହିଁ। ୩/୪ବର୍ଷ ହେଲାଣି ଏମାନେ ବାକି ଟଙ୍କା ପାଇଁ ବ୍ଲକ ଦୌଡୁଛନ୍ତି। ବ୍ଲକ କର୍ମଚାରୀ ପ୍ରତିଶ୍ରୁତି ଦେଉଛନ୍ତି କିନ୍ତୁ ଟଙ୍କା ମିଳୁନି। ବାସ୍ତବରେ ଅର୍ଥରାଶି ମିଳି ନ ଥିବା ନେଇ କରୁଣା ବାଙ୍କ ଓ ଉର୍ମିଳା ଅମାତ୍ୟ ହିତାଧିକାରୀ କରିଛନ୍ତି। ସେହିପରି କୁସୁମେଣ୍ଡି ପଞ୍ଚାୟତ ନେଡ଼ିପୋଙ୍କୁ ଗ୍ରାମର ଗଣେଶ୍ୱର ମଲିକ ୧୫ହଜାର, ଅର୍ଜୁନ ମଲିକ ୧୫ହଜାର, ତପନ ମଲିକ ୧୫ହଜାର, ବପଲମେଣ୍ଡି ପଞ୍ଚାୟତର ପଦ୍ମନାଭ କହଁର ୧୫ହଜାର, ଚକାପାଦ ପଞ୍ଚାତର ନଳିଆ କହଁର ଘର ସମ୍ପୂର୍ଣ୍ଣ କରି ୧୫ହଜାର ଟଙ୍କା ପାଇଥିବାବେଳେ ବାକି ଟଙ୍କା ମିଳିନାହିଁ। ଗୃହ ନିର୍ମାଣ ସାରିଥିବା ହିତାଧିକାରୀଙ୍କୁ ତୁରନ୍ତ ବଳକା ଅର୍ଥରାଶି ପ୍ରଦାନ ନ କଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବା ସହ ବ୍ଲକ କାର୍ଯ୍ୟାଳୟକୁ ଅଚଳ କରିଦିଆଯିବ ବୋଲି ହିତାଧିକାରୀ ଚେତାବନୀ ଦେଇଛନ୍ତି। ଏ ନେଇ ଚକାପାଦ ବିଡ଼ିଓ ଅନିଲ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ଯେଉଁମାନେ ଠିକ୍ ସମୟସୀମା ମଧ୍ୟରେ କାମ ସାରିନାହାନ୍ତି ତାଙ୍କର ଟଙ୍କା ସରକାରଙ୍କୁ ଫେରସ୍ତ କରାଯାଇଛି। ଯେଉଁମାନେ କାମ ସାରିଛନ୍ତି ଗୃହ ଏବଂ ତାଙ୍କର ଫଟୋ ଦେଲେ ଟଙ୍କା ପ୍ରଦାନ କରାଯିବ ବୋଲି କହିଛନ୍ତି। ଏ ନେଇ ଜିଲାପାଳ ଡ. ବୃନ୍ଦା ଡିଙ୍କୁ ଯୋଗା ଯୋଗ କରିବାରୁ ଯେଉଁ ହିତାଧିକାରୀ ଗୃହ ନିର୍ମାଣ ସାରିଛନ୍ତି ପିଡିଙ୍କ ପାଖରେ ଗୃହର ନିଜର ଫଟୋ ପ୍ରଦାନ କଲେ ଆମେ ସରକାରଙ୍କୁ ଜଣାଇବା ପରେ ବଳକା ଟଙ୍କା ପ୍ରଦାନ କରାଯିବ ବୋଲି କହିଥିଲେ।

# ଭାଙ୍ଗିଗଲାଣି ଶଙ୍ଖ, ପୋଲ ନିର୍ମାଣ ଦାବି


ଭାଙ୍ଗି ଯାଇଥିବା ଶଙ୍ଖ।

**ଫିରିଙ୍ଗିଆ, ୨୩।୮**

ଫିରିଙ୍ଗିଆ ବ୍ଲକ ଫିରଙ୍ଗିଆ ପଞ୍ଚାୟତ ଆଡିବନ୍ଧ ଗ୍ରାମର ତଣ୍ଡିଗାଁ ନାଳ ଉପରେ ଥିବା ବହୁ ପୁରୁଣା ଶଙ୍ଖ ଭାଙ୍ଗିରୁଜି ଗଲାଣି। କିଛି ଦିନ ହେବ ତାହା ଦବିଯାଇ ଖାଲ ସୃଷ୍ଟି ହୋଇଛି। ମରାମତି କାର୍ଯ୍ୟ ବି ବର୍ଷାରେ ସମ୍ପୂର୍ଣ୍ଣ ଧୋଇଯାଇଛି। ଅନ୍ୟପକ୍ଷରେ ମରାମତି କାର୍ଯ୍ୟରେ ମଧ୍ୟ ଅନିୟମିତତା ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ନୂଆ ପୋଲ ନିର୍ମାଣ କରିବାକୁ ଦାବି ହୋଇଛି। ତଣ୍ଡିଗାଁ, ନୂଆପଡା, ଗୋପିପଦର, ଭେଣ୍ଡ୍ରାପାଲି ଗ୍ରାମବାସୀ ଏହି ଶଙ୍ଖ ଉପର ଦେଇ ଫିରିଙ୍ଗିଆ ଯା'ଆସ କରନ୍ତି। ଏହା ସେମାନଙ୍କର ନିତିଦିନିଆ ଏବଂ ଗୋଟିଏ ରାସ୍ତା। ମାତ୍ର ଶଙ୍ଖର ଅବସ୍ଥା ଏପରି ହୋଇଛି ଯେ ଏହା ଉପରେ ଚାରିଚକିଆ ଗାଡି ଚଳାଚଳ କରିପାରୁନାହିଁ। ଏପରିକି ଆମ୍ବୁଲାନ୍ସ ମଧ୍ୟ ଯାଇପାରୁନାହିଁ। ଅଧିକ ବର୍ଷା ହେଲେ ଶଙ୍ଖ ଉପରେ ୪/୫ ଫୁଟ ପାଣି ଚାଲୁଛି। ଏହି ଶଙ୍ଖ ବହୁତ ପୁରୁଣା। ଏଠାରେ ନୂତନ ପୋଲ ନିର୍ମାଣ ନିହାତି ଆବଶ୍ୟକ। ବର୍ଷା ହେଲେ ଅନ୍ୟ ବାଟ ଦେଇ ଫିରିଙ୍ଗିଆ ଯିବାକୁ ପଡୁଛି ବୋଲି ତଣ୍ଡିଗାଁର ଶ୍ୟାମଘନ ପାତ୍ର ଓ ଡେଣା ପାତ୍ର ପ୍ରକାଶ କରିଛନ୍ତି। ବିଡିଓ ପ୍ରବୀଣ କୁମାର ବାଣୁଆ କହିଛନ୍ତି, ଏ ବିଷୟରେ କେହି ଅଭିଯୋଗ କରି ନାହାନ୍ତି। ବିକେଜିଓାଇ ଅର୍ଥ ଆସିଲେ କାମ ହେବ।

■ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶ୍ରଦ୍ଧାଞ୍ଜଳି ସଭା

# ତଦନ୍ତ କମିଶନ ରିପୋର୍ଟ ସାର୍ବଜନୀନ ଦାବି ଉଠିଲା

**ଫୁଲବାଣୀ ଅଫିସ, ୨୩।୮**

ଫୁଲବାଣୀସ୍ଥିତ ଗାନ୍ଧୀ ସ୍ମୃତି ଭବନଠାରେ ଶୁକ୍ରବାର ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶ୍ରଦ୍ଧାଞ୍ଜଳିସଭା ଓ ବିଶ୍ୱ ହିନ୍ଦୁ ପରିଷଦ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଜିଲା ବିଶ୍ୱ ହିନ୍ଦୁ ପରିଷଦ ଶାଖା ପକ୍ଷରୁ ଆୟୋଜିତ ଏହି ସଭାରେ ପ୍ରଥମେ ସ୍ୱାମିଜୀଙ୍କ ସ୍ମୃତିଚାରଣ କରାଯାଇଥିଲା। ପ୍ରାନ୍ତ ସଂଗଠନ ମନ୍ତ୍ରୀ ଆନନ୍ଦ ଶଙ୍କର ପାଣ୍ଡେ ଯୋଗଦେଇ ହିନ୍ଦୁ ଧର୍ମର ସୁରକ୍ଷା ପାଇଁ ସ୍ୱାମୀଜୀଙ୍କ ଅବଦାନ ଅତୁଳନୀୟ ବୋଲି ପ୍ରକାଶ କରିଥିଲେ। ସହ ସମ୍ପାଦକ ପ୍ରିୟନାଥ ଶର୍ମା, ପ୍ରିୟ ରଞ୍ଜନ ଚୌଧୁରୀ, ବ୍ରଜବନ୍ଧୁ ମହାପାତ୍ର, ଜିଲା ସଭାପତି କାମଦେବ ପ୍ରଧାନ, ସୁଦୟ ବାବା ଅମୃତ ପରିବାର, ଭରତ ଚନ୍ଦ୍ର ସ୍ୱାଇଁ, ଜିଲା ସମ୍ପାଦକ ମନୋଜ କୁମାର ସାହୁ ପ୍ରମୁଖ ଯୋଗଦେଇ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ସ୍ୱାମିଜୀଙ୍କ ହତ୍ୟାକରୀଙ୍କୁ ଏ ଯାଏ ଧରା ଯାଇପାରିଲାନାହିଁ। ମହାପାତ୍ର ଓ ନାଇଡୁ କମିଶନଙ୍କ ରିପୋର୍ଟକୁ ସାର୍ବଜନୀନ ନ କରିବା ପଛରେ କ'ଣ ଉଦ୍ଦେଶ୍ୟ ରହିଛି। ତୁରନ୍ତ ସରକାର ଏହାକୁ ସାର୍ବଜନୀନ କରନ୍ତୁ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ସଭାରେ ଜିଲାର ବିଭିନ୍ନ ଅଞ୍ଚଳର ସାଧୁସନ୍ଥ, ସ୍ୱାମିଜୀଙ୍କ ଅନୁଗାମୀ, ବୁଦ୍ଧିଜୀବୀ, ଭାଜପାର ବହୁ ନେତା ଯୋଗଦେଇଥିଲେ।

# ଜନ୍ମାଷ୍ଟମୀ, ସ୍ୱାମୀ ଲକ୍ଷ୍ମଣାନନ୍ଦ ଶ୍ରାଦ୍ଧ ଦିବସ


ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ କରାଯାଇଛି।

**ଦାରିଙ୍ଗବାଡ଼ି,୨୩।୮(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଜନ୍ମାଷ୍ଟମୀ ପାଇଁ ସମସ୍ତ ଭଗବତୀ ଟୁଙ୍ଗୀଠାରୁ ଆରମ୍ଭ କରି ଜଗନ୍ନାଥ ମନ୍ଦିର, ରାଧାକୃଷ୍ଣ ମନ୍ଦିରରେ ସକାଳୁ ଭିଡ଼ ଦେଖିବାକୁ ମିଳିଥିଲା। ଏହାସହ ସ୍ୱାମୀ ଲକ୍ଷଣାନନ୍ଦ ସରସ୍ୱତୀଙ୍କ ୧୧ତମ ଶ୍ରାଦ୍ଧ ଦିବସ ମଧ୍ୟ ପାଳନ କରାଯାଉଛି। ଦାରିଙ୍ଗବାଡ଼ି ଏବଂ ବ୍ରାହ୍ମଣୀଗାଁ ପୋଲିସ ପକ୍ଷରୁ କଡାକଡି ପାଟ୍ରୋଲିଂ ସହ ବିଭିନ୍ନ ଜନଗହଳିପୂର୍ଣ୍ଣ ମନ୍ଦିର, ଛକ ସ୍ଥାନରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଜିଲା ହେଡକ୍ୱାର୍ଟସରୁ ଡିଏସପି ଏସ.କେ ରାୟ ଦାରିଙ୍ଗବାଡ଼ିରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ତାଙ୍କ ନେତୃତ୍ୱରେ ଦାରିଙ୍ଗବାଡି ଆଇଆଇସି ଅଲେଖ ଗରଡ଼ିଆ ସଦଳବଳ ଆଇନଶୃଙ୍ଖଳା ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି। ସେହପରି ବ୍ରାହ୍ମଣୀଗାଁ ପୋଲିସ ପକ୍ଷରୁ ମଧ୍ୟ ଡିଏସ୍‌ପି ରାୟଙ୍କ ତତ୍ତ୍ୱାଧାନରେ ଥାନା ଅଧିକାରୀ ତୃପ୍ତି ରଞ୍ଜନ ନାୟକଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଫୋର୍ସ ମୁତୟନ ହୋଇଛନ୍ତି।

# ନୃତ୍ୟଗୀତ ମାଧମରେ ସ୍ୱାସ୍ଥ୍ୟ ସଚେତନତା

**ଫୁଲବାଣୀ ଅଫିସ, ୨୩।୮**

ଫିରିଙ୍ଗିଆ, ଖଜୁରିପଡ଼ା ଓ ଚକାପାଦ ବ୍ଲକର ବିଭିନ୍ନ ଅଞ୍ଚଳରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ସହାୟତାରେ ଜିଲାରେ ଆଦୃତ ଦଣ୍ଡ ବୀଣାକାର ନୃତ୍ୟ ମାଧମରେ ଡେଙ୍ଗୁ, ମ୍ୟାଲେରିଆ ଓ ଝାଡାବାନ୍ତି ନିରାକରଣ ଉପରେ ଲୋକଙ୍କୁ ସଚେତନ କରାଯାଇଛି। ଜିଲାରେ କିପରି ଡେଙ୍ଗୁ, ମ୍ୟାଲେରିଆ, ଝାଡାବାନ୍ତି ନ ବ୍ୟାପିବ, ସେ ବିଷୟରେ ବିଭିନ୍ନ ସଚେତନତା ବାର୍ତ୍ତା ଦିଆଯାଇଥିଲା। ୨ଟି ଦଣ୍ଡ ବୀଣାକାର ନୃତ୍ୟ ଦଳ ଏଥିରେ ଭାଗ ନେଇଥିଲେ। ଅପହଞ୍ଚ ଇଲାକାର ଲୋକେ କିଭଳି ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ତ ବାର୍ତ୍ତା ପାଇପାରିବେ, ସେଥିନେଇ ଫିରିଙ୍ଗିଆ ମେଡିକାଲ


ଲୋକଙ୍କୁ ସଚେତନ କରାଯାଉଛି।

ଅଧିକାରୀ ଡା. ଜେ. ସାଇରଜତ ରଶ୍ମି, ବ୍ରାହ୍ମଣପାଦ ମେଡିକାଲ ଅଧିକାରୀ ଡା. କାହ୍ନୁଚରଣ ନାୟକ ଓ ଖଜୁରିପଡ଼ା ମେଡିକାଲ ଅଧିକାରୀ ଡା. ମନୋଜ କୁମାର ପାଢ଼ୀ ପ୍ରମୁଖ ସହଯୋଗ କରିବା ସହ ଅନୁଧ୍ୟାନ କରିଥିଲେ। ଅନୁଷ୍ଠାନ ପ୍ରକଳ୍ପ ସଂଯୋଜକ ବିଶ୍ୱରଞ୍ଜନ କର, ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ରମ ପରିଚାଳକ ଅଜୟ କୁମାର ସାହୁ, ହରଗୋବିନ୍ଦ ଜେନା, ସଞ୍ଜୟ କୁମାର କର୍ଣ୍ଣ, ସନତ କୁମାର, ପ୍ରତ୍ୟୁଷ କୁମାର ସାବତ ଓ ସ୍ନେହାଶିଷ ସାହୁ କାର୍ଯ୍ୟକ୍ରମ ତଦାରଖ କରିଥିଲେ।

# ବିଜୟ ହାଇସ୍କୁଲରେ ଚାରାରୋପଣ

**ରାଇକିଆ,୨୩।୮(ଡ଼ି.ଏନ.ଏ)**

ରାଇକିଆ ବିଜୟ ହାଇସ୍କୁଲଠାରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧକ୍ଷା ମାନିନୀ ପ୍ରଧାନ, ସରପଞ୍ଚ ପଞ୍ଚୁ ପ୍ରଧନ, ଏବିଡ଼ିଓ ମୋହନ ମଲିକ, ଏବିଇଓ ସାରଥୀ କହଁର, ବିଦ୍ୟାଳୟ ସେକ୍ରେଟେରୀ ଫାଦର ପ୍ରଦୋଷ ନାୟକ ଯୋଗ ଦେଇ ଚାରା ରୋପଣ କରିବା ସହ ଛାତ୍ର ମାନଙ୍କୁ ଉତ୍ସାହିତ କରିଥିଲେ। ପରିବେଶ ସୁରକ୍ଷା ଏବଂ ଚାରା ରୋପଣ ଦ୍ୱାରା କିପରି ପରିବେଶ ସନ୍ତୁଳନ ରକ୍ଷା ହୋଇପାରିବ ସେ ନେଇ ଛାତ୍ର ମାନଙ୍କୁ ସଚେତନ କରାଯାଇଥିଲା। ବିଦ୍ୟାଳୟର ଚାରିପାଖରେ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଏବଂ ଛାତ୍ର ସାମିଲ ହୋଇଥିଲେ।


ଚାରାରୋପଣ କରାଯାଉଛି।

■ ସବୁଜିମା ହରାଉଛି ଦାରିଙ୍ଗବାଡି

# ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଚାଲିଛି ଗଛକଟା

**ଦାରିଙ୍ଗବାଡ଼ି,୨୩।୮(ଡି.ଏନ.ଏ)**

■ ସ୍ଥାନାନ୍ତର ହେଲା ମାତ୍ର ୧ ହଜାର ଗଛ

■ ତାତି ବଢୁଛି, ପର୍ଯ୍ୟଟକ କମିବା ଆଶଙ୍କା

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଦିନକୁ ଦିନ ଗରମ ବୃଦ୍ଧି ପାଇବା ସହ ଅସ୍ୱାଭାବିକ ଭାବେ ପାଣିପାଗର ପରିବର୍ତ୍ତନ ହେଉଛି। ଅଞ୍ଚଳରେ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ କଂକ୍ରିଟ ରାସ୍ତା, ଘର ବୃଦ୍ଧି ପାଉଛି। ସେହିପରି ଜନବସତି ବୃଦ୍ଧି ଯୋଗୁ ଜଙ୍ଗଲ ମଧ୍ୟ କ୍ଷୟ ହେବାରେ ଲାଗିଛି। ଅନ୍ୟପଟେ ଜନସଂଖ୍ୟା ଅନୁଯାୟୀ ଯାନବାହନ ବୃଦ୍ଧି ପାଇଛି। ଏବେ ପୁଣି ଜଙ୍ଗଲ ସଫା ଆଉଏକ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ି ଅଞ୍ଚଳ ଏବେ ଜଙ୍ଗଲ ସଫା ଯୋଗୁ ନିଜ ସୌନ୍ଦର୍ଯ୍ୟ ହରାଇବାକୁ ବସିଲାଣି। ଗୋଟିଏ ପଟେ କାଠ ମାଫିଆ ଜଙ୍ଗଲ ସଫା କରିଆସୁଥିବାବେଳେ ଜିଲା ପ୍ରଶାସନ ଜଙ୍ଗଲଜମି ଲୋକଙ୍କୁ ପ୍ରଦାନ ପରେ ଜଙ୍ଗଲ ନିଜ ଅସ୍ତିତ୍ୱ ହରାଇବାକୁ ବସିଲାଣି। ସେପଟେ ରାଇପୁର ଠାରୁ


ରାଜପଥ ସମ୍ପ୍ରସାରଣ ପାଇଁ ଗଛ କଟାଯାଉଛି।

ଗୋପାଳପୁର ପର୍ଯ୍ୟନ୍ତ ୫୯ନଂ ଜାତୀୟ ରାଜପଥ ସମ୍ପ୍ରସାରଣ ହୋଇଥିବାବେଳେ ଏବେ ବାଲିଗୁଡ଼ା ଠାରୁ ଦାରିଙ୍ଗବାଡ଼ି ପର୍ଯ୍ୟନ୍ତ ସମ୍ପ୍ରସାରଣ କାର୍ଯ୍ୟ ଜୋରଦାର ଚାଲିଛି। ଏଥିପାଇଁ ରାଜପଥ କଡ଼ରେ ରହିଥିବା ପ୍ରାୟ ୨୫ଶହ ଗଛ କଟାଯିବ। ତେବେ ବନ ବିଭାଗର ଉଦ୍ୟମରେ ପ୍ରାୟ ୧ହଜାର ଗଛକୁ ନୂତନ ଜ୍ଞାନକୌଶଳରେ ରାଜପଥ କଡ଼ରୁ ନେଇ ଜଙ୍ଗଲ ଭିତରେ ପୁନଃରୋପଣ କରାଯାଇଛି। ତେବେ ବଳକା ଗଛ ଏବେ ବନ ବିଭାଗର କର୍ପୋରେସନ ପକ୍ଷରୁ କଟା ଚାଲିଛି। ଫଳରେ ଅଞ୍ଚଳରେ ପୁଣି ଗରମ ଦ୍ୱିଗୁଣିତ ହେବା ଆଶଙ୍କା କରାଯାଉଛି। ଦାରିଙ୍ଗବାଡିର ଜଙ୍ଗଲ, ପାହାଡ଼, ଝରଣା ଏହି ପର୍ଯ୍ୟଟନ କେନ୍ଦ୍ରକୁ ଆସିବା ପାଇଁ ଦର୍ଶକଙ୍କୁ ଆକୃଷ୍ଟ କରିଥାଏ। ଗଛ କଟାଯିବା ପରେ ରାଜପଥରେ ଯାଉଥିବା ପଥିକ ମାନେ ଆଉ ଗଛ ଛାଇ ପାଇପାରିବେ ନାହିଁ। ବନ ବିଭାଗ ଗଛ ସ୍ଥାନାନ୍ତର ପ୍ରକ୍ରିୟା ବିଫଳ ହୋଇଛି। ଅଧାରୁ ଉର୍ଦ୍ଧ୍ୱ ଗଛ କଟାଯାଉଥିବାବେଳେ ତା ପରିବର୍ତ୍ତେ ପୁଣି ୧୦ଗୁଣ ଗଛ ଲାଗାଯିବ ବୋଲି କର୍ପୋରେସନର ଫିଲ୍ଡ ଆଶିଷ୍ଟାଣ୍ଟ ଦେବାନନ୍ଦ ପାଣି କହିଛନ୍ତି। ପୁଣି ଚାରାରୋପଣ କରାଗଲେ ମଧ୍ୟ ତାହା ବଢ଼ିବା ପାଇଁ ବହୁ ସମୟ ଦରକାର। ବନବିଭାଗ ଉଦ୍ୟମ କରି କିଛି ଗଛ ବଞ୍ଚାଇବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ଦାବି କରୁଛନ୍ତି।

## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କ ପାଇଁ ଆସିଲା ବେଞ୍ଚ, ଟେବୁଲ

**ବେଗୁନିଆପଡ଼ା,୨୩।୮(ଡି.ଏନ.ଏ.):** ବେଗୁନିଆପଡ଼ା ବ୍ଲକ ତାଳସର ପଞ୍ଚାୟତ ଭାବିନୀପୁର ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋ ସ୍କୁଲ ଯୋଜନାରେ ସଂଗୃହୀତ ଅର୍ଥ ଓ ସରକାରଙ୍କ ପ୍ରଦତ୍ତ ଅର୍ଥରେ ଛାତ୍ରୀଛାତ୍ରମାନଙ୍କ ପାଇଁ ବେଞ୍ଚ ଓ ଟେବୁଲ ଯୋଗାଇ ଦିଆଯାଇଛି। ଗୁରୁବାର ବିଇଓ କମଳାକାନ୍ତ ସାହୁ ଏହାକୁ ୬ଷ୍ଠ ଓ ୭ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନରେ ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ଓ ବଦାନ୍ୟ ବ୍ୟକ୍ତିଙ୍କଠାରୁ ୧୦ ହଜାର ୨ ଶହ ଟଙ୍କା ସଂଗ୍ରହ ହୋଇଥିଲା। ଏଥିରେ ସରକାରଙ୍କ ପ୍ରଦତ୍ତ ସହାୟତା ମିଶି ମୋଟ ୩୦ ହଜାର ୬ ଶହ ଟଙ୍କାରେ ଟେବୁଲ ଓ ବେଞ୍ଚ ତିଆରି ହୋଇଥିବା ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଗୌଡ଼ କହିଛନ୍ତି।

### ମୋ ସହରର ସ୍ୱଚ୍ଛତା ରକ୍ଷା ସମ୍ପର୍କରେ ସଚେତନତା

**ବୁଗୁଡ଼ା,୨୩।୮(ଡି.ଏନ.ଏ.):** ବୁଗୁଡ଼ା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶ ଓ ନୋଡାଲ ଅଧିକାରୀ କାଳୀ ଚରଣ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁରୁବାର ସହରରେ ସ୍ୱଚ୍ଛତା ରକ୍ଷା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏନ୍ଏସି ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ସହରର ଗଳିକନ୍ଦିରେ ପ୍ରଚାର କରାଯାଇ ସହରକୁ କିପରି ପରିଷ୍କାର ପରିଚ୍ଛନ୍ନତା ରଖିବେ ସେ ନେଇ ସଚେତନ କରାଯାଇଥିଲା।

### ଋଷିକୁଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ

**ସୋରଡ଼ା,୨୩।୮(ଡି.ଏନ.ଏ.):** ଋଷିକୁଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅନିଲ କୁମାର ଦାଶ, ଅଧ୍ୟାପକ ରାମଚନ୍ଦ୍ର ବିଷୋୟୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ତଥା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଯୋଗଦେଇ ଥିଲେ। ଅଧ୍ୟାପିକା ଉଷାରାଣୀ ସାବତ, ସୀତାରାମ ଗୌଡ଼, ଗୌରୀ ଶଙ୍କର ଆଚାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ସାଂସ୍କୃତିକ ନୃତ୍ୟ, ଯୋଗାଭ୍ୟାସ, ସଙ୍ଗୀତ ଗାନ ଆଦି ହୋଇଥିଲା। ସମସ୍ତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

### ଗ୍ରାମୀଣ ଗୃହ ନିର୍ମାଣ କ୍ଷେତ୍ରରେ କୃତିତ୍ୱ

**ହିଞ୍ଜିଳିକାଟୁ,୨୩।୮(ଡି.ଏନ୍.ଏ):** ସରକାରଙ୍କ ବିଜୁ ପକ୍କା ଘର ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ନିର୍ମାଣ ଶ୍ରମିକଙ୍କୁ ଆବାସ ଯୋଜନାକୁ ସଫଳ କାର୍ଯ୍ୟକାରୀ ପାଇଁ ରାଜ୍ୟ ପଂଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ହିଞ୍ଜିଳିକାଟୁ ବ୍ଲକକୁ ୨୦୧୮-୧୯ ବର୍ଷ ପାଇଁ ପୁରସ୍କୃତ କରାଯାଇଛି। ଜିଲା ଡ଼ିଆରଡ଼ିଏର ଋଷିକୂଲ୍ୟା ଭବନଠାରେ ମଙ୍ଗଳବାର ଅନୁଷ୍ଠିତ ଏ ସମ୍ପର୍କିତ କର୍ମଶାଳାରେ ଏହି ସ୍ୱତନ୍ତ୍ର ଯୋଜନାର ନିର୍ଦ୍ଦେଶକ ପ୍ରଭାକର ପାଟିଲଙ୍କ ଠାରୁ କୃତିତ୍ୱ ଫଳକ ଓ ସାର୍ଟିଫିକେଟ ହିଞ୍ଜିଳିକାଟୁ ବିଡ଼ିଓ ପ୍ରସନ୍ନ କୁମାର ପାତ୍ର ଗ୍ରହଣ କରିଥିଲେ। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଡ଼ିଆରଡ଼ିଏ ପିଡ଼ି ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ବିଭାଗର ବହୁ ଅଧିକାରୀ କାର୍ଯ୍ୟକମରେ ଉପସ୍ଥିତ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଶିଳାନ୍ୟାସରେ ଅଟକିଛି ଯାତ୍ରୀ ବିଶ୍ରାମାଗାର

## ■ ସମ୍ପୂର୍ଣ୍ଣ ହୋଇପାରୁନି ମୁଖ୍ୟ ଡ୍ରେନର ପୁନରୁଦ୍ଧାର

**ଗଞ୍ଜାମ,୨୩।୮(ଡି.ଏନ.ଏ.)**

**ଗଞ୍ଜାମ ଏନଏସି**

୧୨ ୱାର୍ଡକୁ ନେଇ ଗଠିତ ଗଞ୍ଜାମ ଏନ୍ଏସିରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଭଳି ମୌଳିକ ସମସ୍ୟା ଭୋଗୁଛନ୍ତି ସ୍ଥାନୀୟ ଜନସାଧାରଣ। ଏଠାରେ ରାସ୍ତାଘାଟର ଅବସ୍ଥା ଶୋଚନୀୟ। କଲ୍ୟାଣ ମଣ୍ଡପ ନାହିଁ, ବହୁ ପ୍ରକଳ୍ପ କାର୍ଯ୍ୟ ଦୀର୍ଘଦିନ ହେଲା ଅଧାପନ୍ତରିଆ ଭାବେ ପଡ଼ି ରହିଛି। ସହରରେ ଯାତ୍ରୀ ବିଶ୍ରାମାଗାର ଓ ଶୌଚାଳୟ ନିର୍ମାଣ କାଗଜ କଲମରେ ସୀମିତ ରହିଛି। ଏହା ନିର୍ମାଣ ନିମନ୍ତେ ୨୦୧୫ ଅଗଷ୍ଟ ୩୧ ସ୍ୱାୟତ୍ତ ଶାସନ ଦିବସରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଆଉ ଏକ ସପ୍ତାହ ପରେ ଭିତ୍ତିପ୍ରସ୍ତରକୁ ୪ ବର୍ଷ ବିତିବ। କିନ୍ତୁ ଏଯାବତ୍ ଭିତ୍ତିପ୍ରସ୍ତର ସ୍ଥାନରେ ଗୋଡ଼ିଟିଏ ମଧ୍ୟ ପଡ଼ିନି। ଏହାର ନିର୍ମାଣ ପାଇଁ ପଛୁଆ ଅଞ୍ଚଳ ବିକାଶ ପାଣ୍ଠିରୁ ବ୍ୟୟବରାଦ ହୋଇ ଟେଣ୍ଡର ସରିଛି। ସେହିପରି କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ହୋଇଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ଆରମ୍ଭ ହୋଇନି। ସହରରେ ଭେଣ୍ଡିଂଜୋନ ପାଇଁ ଗଞ୍ଜାମ ବଡ଼ବଜାର ବ୍ୟବସାୟ ସଂଘ ପ୍ରଶାସନ ଠାରେ ବାରମ୍ବାର ଦାବି କରିବା ପରେ ବ୍ୟବସାୟ ସଂଘ ଓ ଏନ୍ଏସି ପ୍ରଶାସନ ପକ୍ଷରୁ ସ୍ଥାନ ଚିହ୍ନଟ ହୋଇଥିଲେ ମଧ୍ୟ କେବେ ଭେଣ୍ଡିଂଜୋନ ନିର୍ମାଣ ହେବ ସନ୍ଦେହରେ ସହରବାସୀ। ଅନ୍ୟପଟେ ପ୍ରଶାସନର ରୋଡ ସମ୍ପ୍ରସାରଣର ଆଳ ଦେଖାଇ ଦୋକାନଗୁଡ଼ିକ ଉଚ୍ଛେଦ ପାଇଁ ସଂକେତ ଦେଇସାରିଥିବାରୁ ବ୍ୟବସାୟୀମାନଙ୍କ ଚିନ୍ତା ବଢ଼ିଯାଇଛି। ବ୍ୟବସାୟୀମାନଙ୍କୁ ପ୍ରଶାସନ ଥଇଥାନ ବ୍ୟବସ୍ଥା ନ କଲେ ସେମାନେ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘ ପକ୍ଷରୁ ଶୁଣିବାକୁ ମିଳିଛି। ସହରର ଆଉ ଗୋଟିଏ ମୁଖ୍ୟ ସମସ୍ୟା ବର୍ଷା ହେଲେ ଜଳ ଠିକ୍ ଭାବେ ନିଷ୍କାସିତ ହୋଇପାରୁନି। ୨୦୦୯ରୁ ଆରମ୍ଭ ହୋଇଥିବା ମୁଖ୍ୟଡ୍ରେନର ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ନାଁ ଧରୁନି। ଜିଲା ପ୍ରଶାସନ ଏହି ସହର ପ୍ରତି ଦୃଷ୍ଟି ଦେଉନଥିବା ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

**ଏମାନେ କୁହନ୍ତି...**

“ ସହରରେ ଅନେକ ସମସ୍ୟା ରହିଛି। ଏ ସମ୍ପର୍କରେ ଆମେ ସହରର ଏକ ପ୍ରତିନିଧି ଦଳ ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କୁ ଭେଟି ଜଣାଇଛୁ। ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି।

**–ଗୌରୀ ଶଙ୍କର ବାରିକି, ବଣିକ ସଂଘ ସଭାପତି**

“ ସହରର ସମସ୍ୟା ସମ୍ପର୍କରେ ମୁଁ ଅବଗତ ଅଛି। ଏ ନେଇ ବିଧାୟକଙ୍କ ସହ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଛି। ଆସ୍ତେ ଆସ୍ତେ ସମାଧାନ ହେବ।

**–ସୁନିଲ କୁମାର ଟୁଡୁ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ**

“ ଦୀର୍ଘବର୍ଷ ଧରି ଏନଏସି ବା ସହରରେ କୌଣସି ଆଖିଦୃଶିଆ ଉନ୍ନୟନ କାର୍ଯ୍ୟ ହୋଇନି। ସରକାରୀ ଜାଗା ଜବରଦଖଲ କରି କୋଠା ନିର୍ମାଣ ହେଉଛି। ପ୍ରଶାସନ ଚୁପ୍। ସହରର ବିକାଶ ପାଇଁ ଇଚ୍ଛାଶକ୍ତି ଆବଶ୍ୟକ।

**–କାନ୍ତାରୀ ଦଳାଇ, ଭାଜପା ନଗର ସଭାପତି**

# ଗଞ୍ଜାମରେ ବୋମାମାଡ଼ ଘଟଣା, ୪ ଅଟକ

## ■ ଘଟଣାସ୍ଥଳରେ ଫୋରେନସିକ୍ ଟିମ୍



ଫୋରେନସିକ୍ ଟିମର ଅନୁଧ୍ୟାନ।

**ଗଞ୍ଜାମ,୨୩।୮(ଡି.ଏନ.ଏ.)**

ଗଞ୍ଜାମ ଥାନା ସାନବଜାରରେ ଗୁରୁବାର ବୋମାମାଡ଼ ଘଟଣାର ଛାନଭିନ ଜାରି ରଖିଛି ପୋଲିସ। ଘଟଣା ପରେ ଜିଲା ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ବ୍ରିଜେଶ କୁମାର ରାଏ ଘଟଣାର ଅନୁଧ୍ୟାନ କରିବା ସହ ଛତ୍ରପୁର ଏସ୍‌ଡିପିଓ ଉତ୍କଳ କେଶରୀ ଦାସଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ପୂର୍ବତନ ଏମ୍‌ପି ପ୍ରତିନିଧି ସୁଧୀର ପାଢ଼ୀଙ୍କ ଏତଲା କ୍ରମେ ପୋଲିସ ନଂ. ୭୭/୧୯ରେ ମାମଲା ରୁଜୁ କରିଛି। ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଗଞ୍ଜାମ ପୋଲିସ ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଶୁକ୍ରବାର ସକାଳ ୮ଟାରେ ଫୋରେନସିକ୍ ଟିମ ଘଟଣାସ୍ଥଳକୁ ଆସି ବୋମାର ଟୁକୁରା, ସୁତୁଲି ଓ ଲୁହାକଣ୍ଟା, କାଚଗୁଣ୍ଡ ଜବତ କରିଥିଲେ। ଅଞ୍ଚଳରେ ଲାଗିଥିବା ସିସିଟିଭି ଯାଞ୍ଚ କରାଯାଉଛି। ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଗଞ୍ଜାମ, ରମ୍ଭା ଓ ଛତ୍ରପୁର ଥାନାଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ ଗଠନ ହୋଇଥିବା ଏସ୍‌ଡିପିଓ କହିଛନ୍ତି। ଉକ୍ତ ବୋମାମାଡ଼ ଘଟଣାରେ ବ୍ୟବହୃତ ଏକ ବାଇକ୍ ପୋଲିସ ଜବତ କରିବା ସହ ମୋବାଇଲ ଫୋନ୍ ଟ୍ରାକିଂ କରି ବୋମା ଫିଙ୍ଗିଥିବା ଯୁବକଙ୍କୁ ଖଲ୍ଲିକୋଟ ଅଞ୍ଚଳରୁ କାବୁ କରିଥିବା ଜଣାପଡ଼ିଛି।

ପ୍ରକାଶଯେ, ଗୁରୁବାର ସନ୍ଧ୍ୟାରେ ଗୋଟିଏ ବାଇକ୍‌ରେ ୩ଜଣ ବ୍ୟକ୍ତି ଆସି ବିଜେଡି ନେତା ତଥା ପୂର୍ବତନ ଏମ୍‌ପି ପ୍ରତିନିଧିଙ୍କ ଗାଡ଼ି ଉପରକୁ ବୋମାମାଡ଼ କରି ଫେରାର ହୋଇଯାଇଥିଲେ। ଏଥିରେ ସୁଧୀର ଓ ଗଣେଶ ବାରିକ ଗୁରୁତର ଆହତ ହୋଇଥିଲେ। ବର୍ତ୍ତମାନ ଗଣେଶ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ପାଢ଼ୀ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

# ଚାଙ୍ଗୁଡ଼ିଦେଇ ପାହାଡ଼ରେ ବିହନ ଛିଞ୍ଚନ





ସଭାରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକବୃନ୍ଦ।

**ଦିଗପହଣ୍ଡି,୨୩।୮(ଡି.ଏନ.ଏ.)**

ଦିଗପହଣ୍ଡି ଚାଙ୍ଗୁଡ଼ିଦେଇ ପାହାଡକୁ ସବୁଜିମା କରିବା ଉଦ୍ଦେଶ୍ୟରେ ଗୁରୁବାର ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ ପକ୍ଷରୁ ବିହନ ବୁଣାଯିବା ସହ ଚାରାରୋପଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଖେମୁଣ୍ଡି କଲେଜ ସହାୟତାରେ ଅଧ୍ୟକ୍ଷା ପ୍ରଣତି ପାତ୍ରଙ୍କ ସଭାପତିତ୍ୱରେ ସଚେତନତା ସଭା ହୋଇଥିଲା। ପରେ ବ୍ରହ୍ମପୁର ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ଏବଂ ଖେମୁଣ୍ଡି କଲେଜ କର୍ତ୍ତୃପକ୍ଷଙ୍କ ମିଳିତ ସଂଯୋଜନାରେ ଅଧ୍ୟାପିକା, ଅଧ୍ୟାପକ ଏବଂ ଛାତ୍ରୀଛାତ୍ରମାନେ ଚାଙ୍ଗୁଡ଼ିଦେଇ ପାହାଡକୁ ଯାଇ ବିହନ ବୁଣା (ସିଡ ସ୍କେଟେରିଂ) କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ମାନବ ଅଧିକାର ସୁରକ୍ଷା ସମିତି ରାଜ୍ୟ ସମ୍ପାଦିକା ସବିତା ସାହୁକାର ଏବଂ ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନର ମୁଖ୍ୟ ସୁଧୀର କୁମାର ରାଉତ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଏବଂ ବିଶ୍ୱତାପାୟନର ଭୟାବହତା ସମ୍ପର୍କରେ କହିଥିଲେ। ଗୁରୁବାର ୪୦ ହଜାର ବିହନ ବୁଣାଯାଇଛି। ପରବର୍ତ୍ତୀ ସମୟରେ ଆଉ ୬୦ ହଜାର ବିହନ ବୁଣିବାକୁ ଲକ୍ଷ୍ୟ ରଖାଯାଇଛି। ବିହନ ଚାରା ହେବା ପରେ ସେଗୁଡ଼ିକର ଯତ୍ନ ନେବା ପାଇଁ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ପ୍ରତିଜ୍ଞାବଦ୍ଧ ହୋଇଛନ୍ତି। ଶିକ୍ଷାବିତ ଶ୍ୟାମସୁନ୍ଦର ଖାଡଙ୍ଗା, ଆଇନଜୀବୀ ଅଞ୍ଜଳି ମହାନ୍ତି, ସୁଶାନ୍ତ ମହାନ୍ତି, ଭେଙ୍କେଟ ରତ୍ନମ ରାଜୁ, ରାଜୀବ ବିଷୋୟୀ, ଆଦିତ୍ୟ ଦାସ, ଭୀମରାଜୁ ପାତ୍ର ପ୍ରମୁଖଙ୍କ ସମେତ ଚାଙ୍ଗୁଡିଦେଇ ପାହାଡସ୍ଥିତ ମା' ଚାମୁଣ୍ଡେଶ୍ୱରୀ ମନ୍ଦିର ପରିଚାଳନା କମିଟିର ମିଳନ କୁମାର ପାଣିଗ୍ରାହୀ, ଶଙ୍କର୍ଷଣ ରଥ, ମୁନା ବିଷୋୟୀ, ଅଧ୍ୟାପକ ଅନୀଲ କୁମାର ସାହୁ, ବିବେକାନନ୍ଦ ଦୋରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଫଳ ବାଣ୍ଟିଲା ବଜରଙ୍ଗ ଦଳ

**ହିଞ୍ଜିଳିକାଟୁ,୨୩।୮(ଡି.ଏନ୍.ଏ.)**

ସ୍ୱାମୀ ଲକ୍ଷଣାନନ୍ଦ ସରସ୍ୱତୀଙ୍କ ଶ୍ରାଦ୍ଧ ଦିବସକୁ ବଜରଙ୍ଗ ଦଳ ହିଞ୍ଜିଳିକାଟୁ ଶାଖା ପକ୍ଷରୁ ବଳିଦାନ ଦିବସ ଭାବେ ପାଳନ କରାଯାଇଛି। ଏହି ଅବସରରେ ବଜରଙ୍ଗ ଦଳ ପକ୍ଷରୁ ଶୁକ୍ରବାର ହିଞ୍ଜିଳିକାଟୁ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟାଯାଇଥିଲା। ପରେ ଏକ କାର୍ଯ୍ୟକ୍ରମରେ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ବିଷୟରେ ଗଞ୍ଜାମ ଜିଲା ସଂଯୋଜକ ଗୌତମ ମହାରଣା, ଧର୍ଯ୍ୟଧର ସ୍ୱାଇଁ, ହରପ୍ରସାଦ ସ୍ୱାଇଁ ଉପସ୍ଥିତ କର୍ମୀଙ୍କୁ ଉଦ୍‌ବୋଧନ ଦେଇଥିଲେ।

### ଏମ୍‌ପିଙ୍କୁ ସମ୍ବର୍ଦ୍ଧନା

**ଆର.ଉଦୟଗିରି,୨୩।୮(ଡି.ଏନ.ଏ.)**

ଆର.ଉଦୟଗିରି ଗ୍ରାମ ଶିବ ମନ୍ଦିର ପଡ଼ିଆଠାରେ ବିଜେଡି ତରଫରୁ ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ନିର୍ବାଚନ ପରେ ପ୍ରଥମ ଥର ପାଇଁ ଗୁରୁବାର ଆର୍. ଉଦୟଗିରିକୁ ଆସିଥିଲେ। ବ୍ଲକରେ ଆୟୋଜିତ ସମୀକ୍ଷା ବୈଠକରେ ଏମ୍‌ପି ଉପସ୍ଥିତ ରହି ପରେ ସମ୍ବର୍ଦ୍ଧନା ସଭାକୁ ଆସିଥିଲେ। ସଭାରେ ବିଜେଡି ଗଜପତି ଜିଲା ସଭାପତି ପ୍ରଦୀପ ନାୟକ, ବ୍ଲକ ଅଧ୍ୟକ୍ଷା ଅନିତା ମଣ୍ଡଳ, ଜିଲା ପରିଷଦ ସଭ୍ୟ ସୁପ୍ରଭା ମଣ୍ଡଳ, ଝାମ୍ପୁରା ରଇତ ଓ ବିଜେଡିର ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ





ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଉଛି।

**ଆର.ଉଦୟଗିରି,୨୩।୮(ଡି.ଏନ.ଏ.)**

ଆର.ଉଦୟଗିରି ମିନି ଷ୍ଟାଡିୟମରେ ଚାଲିଥିବା ବ୍ଲକସ୍ତରୀୟ ୨ ଦିନିଆ କ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ କାର୍ଯ୍ୟକ୍ରମ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସରୋଜ କୁମାର ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ମୋହନା ବିଧାୟକ ଦାସରଥୀ ଗମାଙ୍ଗ, ଜିଲା ପରିଷଦ ସଭ୍ୟ ଯାକୁବ ମାଝି ମୁଖ୍ୟବକ୍ତା, ଆର.ଉଦୟଗିରି ବ୍ଲକ ଉପାଧ୍ୟକ୍ଷ ନବୀନ ଚନ୍ଦ୍ର ରଇତ, ସରପଞ୍ଚ ସଂଯୁକ୍ତା ପୂଜାରୀ, ମହେନ୍ଦ୍ର ତନୟା କନିଷ୍ଠ ମହାବିଦ୍ୟାଳୟ ଅଧ୍ୟକ୍ଷା ଭାରତୀ ମିଶ୍ର, ଆର.ଉଦୟଗିରି ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ନୟନରଞ୍ଜନ ମଣ୍ଡଳ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଏସଏମଡିସି ସଭ୍ୟାସଭ୍ୟ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିପିନ ଚନ୍ଦ୍ର ମାଳବିଷୋଇଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ବିଦ୍ୟାପୀଠରେ ଚାରାରୋପଣ



ଚାରାରୋପଣ କାର୍ଯ୍ୟକ୍ରମ।

**ବୁଗୁଡ଼ା,୨୩।୮(ଡି.ଏନ.ଏ.)**

ବୁଗୁଡ଼ା ଏନ୍ଏସି ବୁଦ୍ଧଗିରି ବିଦ୍ୟାପୀଠରେ ଗୁରୁବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦିବ୍ୟ ଚରଣ ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନ୍ୟୁଏରା ପବ୍ଲିକ ସ୍କୁଲର ଶିକ୍ଷକ ବୈଷ୍ଣବ ଚରଣ ଦାଶ ଯୋଗଦେଇ ଚାରାରୋପଣର ଉପକାରିତା ସମ୍ପର୍କରେ ବିଦ୍ୟାର୍ଥୀଙ୍କୁ କହିଥିଲେ। ଏହି ଅବସରରେ ବିଦ୍ୟାପୀଠର ଛାତ୍ରାବାସରେ ରହୁଥିବା ଛାତ୍ରମାନଙ୍କ ଦ୍ୱାରା ଶତାଧିକ ଚାରାରୋପଣ କରାଯାଇଥିଲା।

# ନୂତନ ବିଇଓଙ୍କ ଦାୟିତ୍ୱ ଗ୍ରହଣ

**ହିଞ୍ଜିଳିକାଟୁ,୨୩।୮(ଡି.ଏନ୍.ଏ.)**

ହିଞ୍ଜିଳିକାଟୁ ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ) ଭାବେ ବସନ୍ତ କୁମାର ପଣ୍ଡା ଗୁରୁବାର କାର୍ଯ୍ୟଭାର ଗ୍ରହଣ କରଛନ୍ତି। ଦାୟିତ୍ୱ ଗ୍ରହଣ ପରେ ତାଙ୍କୁ କାର୍ଯ୍ୟାଳୟର କର୍ମଚାରୀଙ୍କ ସମେତ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସୂଚନାଯୋଗ୍ୟ, ଗତ ଏପ୍ରିଲ ମାସରୁ କୁକୁଡ଼ାଖଣ୍ଡି ବିଇଓ ହିଞ୍ଜିଳିକାଟୁର ଅତିରିକ୍ତ ବିଇଓ ଦାୟିତ୍ୱ ସମ୍ପାଦନ କରୁଥିଲେ।

# ଶେରଗଡ଼ ବ୍ଲକରେ ବନ୍ଦ ହେଲାଣି ୩ ବିଦ୍ୟାଳୟ

**ଶେରଗଡ,୨୩।୮(ଡି.ଏନ.ଏ.)**

**ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ଅଞ୍ଚଳବାସୀ**

ଶେରଗଡ଼ ବ୍ଲକରେ ଚଳିତବର୍ଷ ୩ ବିଦ୍ୟାଳୟକୁ ଜିଲା ଶିକ୍ଷା ବିଭାଗ ବନ୍ଦ କଲାଣି। ଗ୍ରାମବାସୀଙ୍କ ସହ ଆଲୋଚନା ନ କରି ଏକତରଫା ଭାବେ ଜିଲା ଶିକ୍ଷା ବିଭାଗ ଏହିସବୁ ବିଦ୍ୟାଳୟକୁ ବନ୍ଦ କରିଦେଇଛି ବୋଲି ନରେନ୍ଦ୍ରପୁର ସରପଞ୍ଚ ବିନୋଦ ବେହେରା କହିଛନ୍ତି।

ପ୍ରକାଶ ଯେ, ଗତ ଜୁଲାଇ ମାସରେ ଶେରଗଡ ବ୍ଲକର ରାଜେନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟ, ଖୋଲ ପ୍ରାଥମିକ ବିଦ୍ୟାଳୟକୁ ଜିଲା ଶିକ୍ଷା ବିଭାଗ ବନ୍ଦ କରିଦେଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ ବିଦ୍ୟାଳୟକୁ ଯାଇ ଜଏନ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ଉକ୍ତ ବିଦ୍ୟାଳୟରେ କାମ କରୁଥିବା ଶିକ୍ଷକମାନଙ୍କୁ ଅନ୍ୟ ବିଦ୍ୟାଳୟରେ ଥଇଥାନ କରାଯାଇଛି। ସେହିପରି ଖୋଦ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀର ଶହେବର୍ଷର ଶେରଗଡ ସଂସ୍କୃତ ବିଦ୍ୟାଳୟକୁ ବନ୍ଦ କରି ନିକଟସ୍ଥ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ମିଶାଇ ଦିଆଯାଇଛି। ପଞ୍ଚାୟତ ସମିତିର ସ୍ୱୀକୃତି ନ ନେଇ କିପରି ବିଦ୍ୟାଳୟ ଗୁଡ଼ିକୁ ବନ୍ଦ କରାଗଲା ସେନେଇ ଶେରଗଡ ପଞ୍ଚାୟତ ସମିତି ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସଂସ୍କୃତ ବିଦ୍ୟାଳୟ ବନ୍ଦ କରିବା ଦ୍ୱାରା ଆମ୍ଭ ଶେରଗଡର ୧୦୦ ବର୍ଷର ସଂସ୍କୃତ ଶିକ୍ଷା ଲୋପ ପାଇଯିବ ବୋଲି ଅବସର ପ୍ରାପ୍ତ ପ୍ରଧାନପଣ୍ଡିତ ସିମାଞ୍ଚଳ ମହାପାତ୍ର କହିଛନ୍ତି। ଏହାକୁ ଜିଲା ଶିକ୍ଷା ବିଭାଗ ତୁରନ୍ତ କାର୍ଯ୍ୟକ୍ଷମ ନକଲେ ଆମେ ବିଧାୟକ ତଥା ଓଡିଶାର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅବଗତ କରିବୁ ବୋଲି କହିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦିଅନ୍ତୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀଙ୍କୁ ପୂର୍ବରୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ସେମାନେ କହିଛନ୍ତି।

# ସୌଦି ଆରବରେ ଫସିଛନ୍ତି ୨ ଓଡ଼ିଆ ଯୁବକ

## ■ ମୁକ୍ତି ପାଇଁ ସରକାରଙ୍କୁ ନିବେଦନ କଲେ ପରିବାର

**କବିସୂର୍ଯ୍ୟନଗର,୨୩।୮**

ରାଜ୍ୟରେ କାମଧନ୍ଦା ନ ପାଇ ରୋଜଗାର ପାଇଁ ବିଦେଶ ଯାଇଥିବା ଯୁବକମାନେ ବିଭିନ୍ନ ସମୟରେ ନିର୍ଯାତନାର ଶିକାର ହୋଇ ଠିକାଦାର କବଳରୁ ମୁକ୍ତି ପାଇଁ ଓଡ଼ିଶା ସରକାରଙ୍କୁ ନିବେଦନ କରୁଛନ୍ତି। ଏହିପରି ପୁଣି ଏକ ଘଟଣା ଗୁରୁବାର ସୋସିଆଲ ମିଡିଆରେ ଜାଣିବା ପରେ ପୁଅକୁ ମୁକ୍ତ କରିବା ପାଇଁ ପରିବାର ଲୋକେ ସରକାରଙ୍କୁ ନିବେଦନ କରିଛନ୍ତି। ପ୍ରକାଶ ଯେ, କବିସୂର୍ଯ୍ୟନଗର ବ୍ଲକ ଗୁଡ଼ିଆଲି ଗ୍ରାମର ଶିବରାମ ସାହୁ ଓ ଖଲ୍ଲିକୋଟ ଅଞ୍ଚଳର ଅନ୍ୟ ଜଣେ ଯୁବକ ମିଶି ସାଉଦିଆରବର କଙ୍ଗୋରେ କାମ କରିବାକୁ ଯାଇଥିଲେ। ସେଠାରେ ଜଣେ ଠିକାଦାରଙ୍କ ନିର୍ଯାତନା ସହ୍ୟ ନ କରି ଗାଁକୁ ଫେରିବାକୁ ଚେଷ୍ଟା କରିବାରୁ ତାଙ୍କୁ ଅଟକ ରଖି ଜବରଦସ୍ତ କାମ କରାଯାଉଛି ବୋଲି ସୋସିଆଲ ମିଡିଆରେ ଦୁଃଖର ସହ ନିବେଦନ କରିଛନ୍ତି। ୩ ମାସ ହେଲା ଦରମା ଦେଉନଥିବା ବେଳେ ଖାଇବାକୁ ଟଙ୍କା ନାହିଁ। ସେହି ଅଞ୍ଚଳରେ ନୂଆ ରୋଗରେ ଲୋକେ ମୃତ୍ୟୁବରଣ କରୁଥିବା ଜାଣିବା ପରେ ଗାଁକୁ ଫେରିବା ପାଇଁ କହିବାରୁ ଭିସା ଛଡ଼ାଇ ରଖିଥିବା ଠିକାଦାର ନିର୍ଯାତନା ଦେଉଥିବା କହିଛନ୍ତି। ଏଥିପ୍ରତି ରାଜ୍ୟ ସରକାର ଶୀଘ୍ର ଦୃଷ୍ଟି ଦେଇ୨ ଓଡ଼ିଆ ଯୁବକଙ୍କୁ ଗାଁକୁ ଫେରାଇ ଆଣିବାକୁ ପରିବାର ପକ୍ଷରୁ ନିବେଦନ କରାଯାଇଛି ଏବଂ ଦଲାଲ ଶ୍ରମିକ ଠିକାଦାରଙ୍କୁ ଗିରଫ ପାଇଁ ସେମାନେ ଦାବି କରିଛନ୍ତି।

# ଚାଷୀ ପଞ୍ଜୀକରଣ ନୈରାଶ୍ୟଜନକ, ଧାନ ବିକ୍ରି ନେଇ ସନ୍ଦେହ

**ବେଗୁନିଆପଡ଼ା,୨୩।୮(ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ସମସ୍ତେ କୃଷି ଓ କୃଷକ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ହେଲେ ଏ ପର୍ଯ୍ୟନ୍ତ କୃଷକ ମାନଙ୍କୁ ଚିହ୍ନଟ କରାଯାଇପାରି ନାହିଁ କିମ୍ବା କୌଣସି ନିର୍ଦ୍ଦିଷ୍ଟ ନୀତି ନିୟମ ନିର୍ଦ୍ଧାରଣ କରାଯାଇପାରିନାହିଁ। ସରକାରଙ୍କ ତରଫରୁ ଚଳିତବର୍ଷ ଅନ୍‌ଲାଇନରେ ଅଗଷ୍ଟ ୬ରୁ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଛି। ଅଗଷ୍ଟ ୩୧ ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ଚାଷୀ ତାର ଜମିର ପଟ୍ଟାର ଜେରକ୍ସ କପି, ବ୍ୟାଙ୍କ ଖାତାର ଜେରକ୍ସ କପି, ଆଧାର କାର୍ଡ, ମୋବାଇଲ ନମ୍ବର, ରାସନ କାର୍ଡ (ଯଦି ଥାଏ) ଏବଂ ଭାଗ ଚାଷୀ ହୋଇଥିଲେ ଜମି ମାଲିକର ସହମତି ପତ୍ର କିମ୍ବା ସରପଞ୍ଚଙ୍କ ପ୍ରମାଣପତ୍ର ଆବଶ୍ୟକ ଅଟେ। ଏସବୁ ପ୍ରମାଣପତ୍ର ସୀମିତ ସମୟ ମଧ୍ୟରେ ଯୋଗାଡ କରି ପଞ୍ଜୀକରଣ କରିବା ସମସ୍ତ ଚାଷୀ ପାଇଁ ସମ୍ଭବ ନୁହେଁ। ଦ୍ୱିତୀୟତଃ ପ୍ରତିବର୍ଷ ଏହିଭଳି ପଞ୍ଜୀକରଣ କରିବାକୁ ପଡୁଥିବାରୁ ଚାଷୀ ଅଯଥା ଖର୍ଚ୍ଚାନ୍ତ ହେବା ସହ ସବୁ ସ୍ଥାନରେ ଅନ୍‌ଲାଇନର ସୁବିଧା ସୁଯୋଗ ନଥିବାରୁ ସମବାୟ ସମିତିକୁ ବାରମ୍ବାର ଯିବାକୁ ପଡୁଛି।

ଚଳିତବର୍ଷ ବେଗୁନିଆପଡ଼ା ବ୍ଲକରେ ୬ ହଜାର ୫ ଶହ ୭୨ ଚାଷୀ ପଞ୍ଜୀକରଣ କରିବାକୁ ଥିବାବେଳେ ଚଳିତ ବର୍ଷ ବର୍ତ୍ତମାନ ୨୧ ତାରିଖ ସୁଦ୍ଧା ମାତ୍ର ୬ ଶହ ୭୫ ଜଣ ପଞ୍ଜୀକରଣ କରିଥିବା ଯୋଗାଣ ଅଧିକାରୀ ପୁରଞ୍ଜୟ ସାହୁ କହିଛନ୍ତି। ଆଉ ମାତ୍ର ୮ ଦିନ ଥିବାବେଳେ ଏତେ ଚାଷୀ ପଞ୍ଜୀକରଣ କରିବା ସମ୍ଭବ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ସମବାୟ ସମିତିରେ ବର୍ତ୍ତମାନ ସାର ବିକ୍ରୟ ଚାଲିଥିବା ବେଳେ ପଞ୍ଜୀକରଣ କରିବା ବହୁତ କଷ୍ଟକର ହେଉଥିବା ଅନେକ ସମବାୟ ସମ୍ପାଦକ କହିଛନ୍ତି। ଏ ସବୁ ବିଷୟକୁ ଚିନ୍ତା କଲେ ଚାଷୀ ଚଳିତ ବର୍ଷ ଧାନ ବିକ୍ରୟବେଳେ ବହୁ ଅସୁବିଧାର ସମ୍ମୁଖୀନ ହେବା ସମ୍ଭାବନା ଦେଖା ଦେଇଛି।

## ସଂକ୍ଷେପରେ

### ଭାଲୁ କାମୁଡ଼ାରେ ବୃଦ୍ଧା ଗୁରୁତର

କୋରାପୁଟ,୨୩।୮(ସ୍ୱ.ପ୍ର.): କୋରାପୁଟ ବ୍ଲକ ମସ୍ତିପୁଟ ପଞ୍ଚାୟତ ଡଙ୍ଗରିଗ୍ରାମ ନିକଟ କାମାୟାଗୁଡ଼ାରେ ଭାଲୁ ଆକ୍ରମଣରେ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ଶୁକ୍ରବାର ତାଙ୍କୁ କୋରାପୁଟ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ରହିଛି । ସେ ହେଲେ ଧନାଇ ଜାନି (୬୦)। ଶୁକ୍ରବାର ସେ ଜମିକୁ ଯାଇଥିବାବେଳେ ହଠାତ ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ । ମା' ଭାଲୁ ସହ ୨ ଛୁଆ ଭାଲୁଙ୍କ ଆକ୍ରମଣରେ ଧନାଇଙ୍କ ଶରୀରର ବିଭିନ୍ନ ଜାଗାରେ ଗଭୀର କ୍ଷତ ହୋଇଛି। ସେ କ୍ଷତାକ୍ତ ଅବସ୍ଥାରେ ସାହସ କରି ଗାଁକୁ ଫେରିବା ପରେ ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି।

### ଦୁର୍ଘଟଣାରେ ଗୁରୁତର ଥିବା ଛାତ୍ରଙ୍କୁ ସହାୟତା

କୋରାପୁଟ,୨୩।୮(ସ୍ୱ.ପ୍ର.): ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଥିବା ଜଣେ ଛାତ୍ରଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କାର ସହାୟତା ଦିଆଯାଇଛି। ଗୁରୁବାର ସ୍ଥାନୀୟ ଜିଲା ଜରୁରୀ ବିଭାଗ କାର୍ଯ୍ୟାଳୟରେ ଜିଲା ଜରୁରୀ ଅଧିକାରୀ ୩୦ ହଜାର ଟଙ୍କାର ଏକ ଚେକ ଗୁରୁତର ଥିବା କୁନା କୋଟନାୟକଙ୍କ ବାପା ଶିବ କୋଟନାୟକଙ୍କୁ ପ୍ରଦାନ କରିଛନ୍ତି। କିଛି ମାସ ତଳେ ଚତୁର୍ଥ ଶ୍ରେଣୀରେ ପଢୁଥିବା କୁନା ପଟ୍ଟାଙ୍ଗି ନିକଟରେ ବିଦ୍ୟାଳୟକୁ ଯିବା ପାଇଁ ରାସ୍ତା ପାର ହେଉଥିବାବେଳେ ଗାଡ଼ି ଧକ୍କାରେ ଗୁରୁତର ହୋଇ କୋମାରେ ପଡ଼ିଥିଲେ। ପ୍ରଥମେ ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ପରେ ବ୍ରହ୍ମପୁର ମେଡିକାଲ କଲେଜ ଓ ସେଠାରୁ କଟକ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ପାଖରେ ଟଙ୍କା ନ ଥିବାରୁ ସେମାନେ ଘରକୁ ଫେରିଆସି ତତ୍କାଳୀନ ଜିଲାପାଳ ଥିବା ପୋମା ଟୁଡୁଙ୍କୁ ଭେଟି ଦୁଃଖ ଜଣାଇବା ସହ ପୁଅର ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ଲୋଡ଼ିଥିଲେ। ବର୍ତ୍ତମାନ ରାଜ୍ୟ ସରକାର ଅନୁମୋଦନ କରିବା ପରେ ରିଲିଫ ପାଣ୍ଠିରୁ ସହାୟତା ରାଶି ପ୍ରଦାନ କରାଯାଇଛି।

### ଶିଶୁମନ୍ଦିରରେ ଜନ୍ମାଷ୍ଟମୀ

ଦଶମନ୍ତପୁର,୨୩।୮(ଡି.ଏନ୍.ଏ.): ଦଶମନ୍ତପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶୁକ୍ରବାର ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ପାଳିତ ହୋଇଛି। ଆଚାର୍ଯ୍ୟ ସତ୍ୟନାରାୟଣ ନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଶିଶୁମନ୍ଦିରର ସଭାପତି ବ୍ରଜେନ୍ଦ୍ର କଂସାରୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ୯୦ଜଣ ଶିଶୁ ରାଧାକୃଷ୍ଣଙ୍କ ବେଶରେ ସଜ୍ଜିତ ହୋଇଥିଲେ। ରାଧା ନୃତ୍ୟ ଓ କଂସ ବଧ ପ୍ରତିଯୋଗିତାରେ ଶିଶୁଙ୍କ କଳା ପ୍ରଦର୍ଶନ ଆକର୍ଷଣୀୟ ହୋଇଥିଲା। ରାଧାଙ୍କ ନୃତ୍ୟ ଓ କୃଷ୍ଣ ବେଶଧାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ସାମାଜିକ କର୍ମୀ ଭୈରବ ପ୍ରସାଦ ବିଶୋୟୀ, ଗୁରୁମା ଅନୁପମା ମିଶ୍ର, ବାସନ୍ତୀ ବାରିକ, ରଶ୍ମିତା ପୃଷ୍ଟି, ସବିତା ନାୟକ, ପ୍ରିୟଙ୍କା ଦାଶ, ସସ୍ମିତା ରଥ ଓ ସନ୍ତୋଷୀ ମହାରଣା ସହଯୋଗ କରିଥିଲେ।

# ପେଟ୍ରୋଲ ପମ୍ପ ସାଜିଛି ଅଘୋଷିତ ବସ୍‌ଷ୍ଟାଣ୍ଡ

- ଜାତୀୟ ରାଜପଥ ଅବରୋଧ
- ବିଗୁଡୁଛି ଟ୍ରାଫିକ ବ୍ୟବସ୍ଥା

ଜୟପୁର,୨୩।୮(ଡି.ଏନ୍.ଏ.)

ଜୟପୁର ସହରର ଟାଉନ ଥାନାରୁ ୧୦୦ ମିଟର ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ସାଜିଛି ଅଘୋଷିତ ଘରୋଇ ବସ୍‌ଷ୍ଟାଣ୍ଡ । ଘରୋଇ ବସ୍‌ଗୁଡ଼ିକ ଏଠାରେ ଅବାଧ ଭାବେ ରହୁଛି ଓ ଯାତ୍ରୀମାନେ ଏହିଠାରୁ ବସ୍‌ରେ ଚଢୁଛନ୍ତି। କିନ୍ତୁ ବସ୍‌ଗୁଡ଼ିକ ଅଟକି ରହିବା ଯୋଗୁ ବିଭିନ୍ନ ସମୟରେ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ ହେଉଛି। ସନ୍ଧ୍ୟାରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାୟପୁର ଭଳି ଦୂରଗାମୀ ଘରୋଇ ବସ୍‌ଗୁଡ଼ିକ ବସ୍‌ଷ୍ଟାଣ୍ଡ ଟ୍ରାଫିକ ଛକରୁ ଉକ୍ତ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ଅଟକି ରହୁଛି। ତେଣୁ ଏଠାରେ ସନ୍ଧ୍ୟାରୁ ରାତି ୧୦ଟା ଯାଏ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ସେହିପରି ରାସ୍ତାର ଉଭୟ ପାର୍ଶ୍ୱରେ ଭାରୀଯାନ, ଚାରିଚକିଆ ଓ ଦୁଇ ଚକିଆ ଯାନ ରହିବା ଯୋଗୁ ଟ୍ରାଫିକ ବିଶୃଙ୍ଖଳା ବେଶୀ ବଢୁଛି। ନିକଟସ୍ଥ ପାରାବେଡା ଟ୍ରାଫିକ ଛକରେ ପୂର୍ବାହ୍ନ ୮ଟାରୁ ରାତି ୮ଟା ଯାଏ ପୋଲିସ ରହୁଥିଲେ ସୁଦ୍ଧା କେହି ଦୃଷ୍ଟି ଦେଉନାହାନ୍ତି। ପ୍ରଶାସନ ଓ ପୋଲିସ ତୁରନ୍ତ ହସ୍ତକ୍ଷେପ କରି ପେଟ୍ରୋଲ ପମ୍ପରେ ନିକଟରେ ଚାଲିଥିବା ଅଘୋଷିତ ବସ୍‌ଷ୍ଟାଣ୍ଡ ଉଚ୍ଛେଦ କରିବାକୁ ଦାବି ହୋଇଛି। ଏନେଇ ଟାଉନଥାନା ଅଧିକାରୀ ବାଲେଶ୍ୱର ଗିଧି କହିଛନ୍ତି, ଅତିଶୀଘ୍ର କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନକୁ ଅବଗତ ପରେ ପଦକ୍ଷେପ ନିଆଯିବ।



ଜୟପୁର ପେଟ୍ରୋଲ ପମ୍ପ ନିକଟରେ ଅଘୋଷିତ ବସ୍‌ଷ୍ଟାଣ୍ଡ।



ନୂଆ ଡିଆଇଜି ସଫିକ ଅହମ୍ମଦ କେ.।



ସମ୍ବର୍ଦ୍ଧନା ପର୍ବରେ ବିଦାୟୀ ଡିଆଇଜି, ଏସ୍‌ପି ଓ ଏସ୍‌ଡିପିଓ।

## ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜରେ ନୂଆ ଡିଆଇଜି
# ଦାୟିତ୍ୱ ନେଲେ ସଫିକ ଅହମ୍ମଦ କେ.

କୋରାପୁଟ,୨୩।୮(ସ୍ୱ.ପ୍ର.)

କୋରାପୁଟସ୍ଥିତ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଭାବେ ସଫିକ ଅହମ୍ମଦ କେ. ଶୁକ୍ରବାର ପୂର୍ବାହ୍ନରେ ଦାୟିତ୍ୱ ନେଇଛନ୍ତି। ପୂର୍ବରୁ ଥିବା ଡିଆଇଜି ହିମାଂଶୁ ଲାଲଙ୍କୁ ସମ୍ବଲପୁର ରେଞ୍ଜ ଡିଆଇଜି ଭାବେ ବଦଳି କରାଯିବା ପରେ ସେ କୋରାପୁଟ ଡିଆଇଜି କାର୍ଯ୍ୟାଳୟଠାରେ ନୂତନ ଡିଆଇଜି ଦାୟିତ୍ୱ ହସ୍ତାନ୍ତର କରିଛନ୍ତି।

ସଫିକ ଅହମ୍ମଦ ଦାୟିତ୍ୱ ନେବା ପରେ ଜନସାଧାରଣଙ୍କ ପ୍ରତି ଭଲ ବ୍ୟବହାର, ସହାନୁଭୂତି ଦେଖାଇ ସେମାନଙ୍କୁ ନ୍ୟାୟ ଦେବା, ମାଓବାଦୀଙ୍କ ମୂଳୋତ୍ପାଟନ କରିବା ତାଙ୍କର ପ୍ରଥମ ଲକ୍ଷ୍ୟ ହେବ ବୋଲି କହିଛନ୍ତି। ତାଙ୍କ ରେଞ୍ଜ ଅଧୀନସ୍ଥ ସମସ୍ତ ଥାନାର ଡିଜିଟାଲାଇଜେଶନ, ମହିଳା ଓ ଶିଶୁଙ୍କ ସୁରକ୍ଷା, ତ୍ୱରିତ ତଦନ୍ତ, ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଲୋକଙ୍କୁ ନ୍ୟାୟ ଦେବା ପାଇଁ ଡିଆଇଜି କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କରାଯିବ। ପୋଲିସ କର୍ମଚାରୀଙ୍କ ସୁବିଧା ପ୍ରତି ଧ୍ୟାନ ଦିଆଯିବ। ରାଜ୍ୟ ସରକାରଙ୍କ ୫ 'ଟି' ଉପରେ ଫୋକସ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ଡିଆଇଜି, ଏସ୍‌ପି, ଏସ୍‌ଡିପିଓଙ୍କୁ ବିଦାୟ ସମ୍ବର୍ଦ୍ଧନା

କୋରାପୁଟ,୨୩।୮(ସ୍ୱ.ପ୍ର.)

କୋରାପୁଟ ପୋଲିସ ପଡିଆରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ହିମାଂଶୁ ଲାଲ, ଏସ୍‌ପି କନୱର ବିଶାଳ ସିଂ ଓ ଜୟପୁର ଏସ୍‌ଡିପିଓ ସାଗରିକା ନାଥଙ୍କୁ ଶୁକ୍ରବାର ଉଚ୍ଛ୍ୱସିତ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ସଭାରେ ଜିଲାପାଳ ମଧୁସୂଦନ ମିଶ୍ର, ବିଏସ୍‌ଏଫ ଡିଆଇଜି ପଙ୍କଜ ମିଶ୍ର, ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଏସ୍‌ଓଜି କମାଣ୍ଡାଣ୍ଟ ଆଶିଷ କୁମାର, ଭିଜିଲାନ୍ସ ଏସ୍‌ପି ଶଶିଭୂଷଣ ମହାପାତ୍ର, ଏଏସ୍‌ପି ଉତ୍କଳ ରଞ୍ଜନ ଦାସ ଉପସ୍ଥିତ ଥିଲେ। ଶୃଙ୍ଖଳା ରକ୍ଷା, ଶୃଙ୍ଖଳିତ ସାଧାରଣ ନିର୍ବାଚନ, ଗଞ୍ଜେଇ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଚାଲାଣ ଉପରେ ଲଗାମ, ମାଓବାଦୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବା ଦିଗରେ ଉପରୋକ୍ତ ୩ ଆଇପିଏସ୍ ଅଧିକାରୀ ଉଲ୍ଲେଖନୀୟ ଭୂମିକା ନେଇଥିଲେ। ଜିଲାବାସୀଙ୍କ ସହଯୋଗ ପାଇଁ ଏହି ସଫଳତା ମିଳିଥିବା ବିଦାୟୀ ଡିଆଇଜି, ଏସ୍‌ପି ଓ ଏସ୍‌ଡିପିଓ କହିଛନ୍ତି।

## ଜନ୍ମାଷ୍ଟମୀରେ ହୁଣ୍ଡିଅର୍ଥ ଦାନକଲେ ଗୋସେବକ

କୁନ୍ଦୁରା,୨୩।୮(ଡି.ଏନ୍.ଏ.)

ଡଙ୍ଗରପାଉଁଶି ପଞ୍ଚାୟତ ସଦର ଓ ଗୋସେବକଙ୍କ ଦ୍ୱାରା ଜନ୍ମାଷ୍ଟମୀ ଉପଲକ୍ଷେ ଜୟପୁରସ୍ଥିତ ଗୋ ସୁରକ୍ଷା ସମିତିକୁ ବାର୍ଷିକ ଆଦାୟ ୪,୮୦୦ ଟଙ୍କା ଦିଆଯାଇଛି । ଜନ୍ମାଷ୍ଟମୀରେ ସୁଜିତ ଶତପଥୀଙ୍କ ଦ୍ୱାରା କୁନିପିଲାଙ୍କୁ କୃଷ୍ଣବେଶରେ ସଜାଇ ଗାଈ ମୂର୍ତ୍ତି ଧରି ଅର୍ଥ ଆଦାୟ ହୁଏ। ବର୍ଷ ତମାମ ଏକ ଦୋକାନରେ ସେହି ଗାଈଟିକୁ ରଖାଯାଇ ହୁଣ୍ଡିରେ ଗୋଭକ୍ତମାନେ କିଛି ଟଙ୍କା ପୂରାଇଥାନ୍ତି। ଜନ୍ମାଷ୍ଟମୀରେ ଟଙ୍କା ବାହାର କରାଯାଇ ଗୋଭକ୍ତଙ୍କ ସମ୍ମୁଖରେ ହିସାବ ପରେ ଜୟପୁରସ୍ଥିତ ଗୋସୁରକ୍ଷା ସମିତିକୁ ଦିଆଯାଇଥାଏ।

### ■ ସାମାନ୍ୟ ଝଗଡ଼ାର ଭୟଙ୍କର ପରିଣତି
# ସ୍ତ୍ରୀଙ୍କୁ ହତ୍ୟା ପରେ ଜଙ୍ଗଲରେ ଫିଙ୍ଗିଦେଇଥିଲେ ସ୍ୱାମୀ
### ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ

ବୈପାରୀଗୁଡ଼ା,୨୩।୮(ଡି.ଏନ୍.ଏ.)

ଜଣେ ବିବାହିତା ମହିଳାଙ୍କୁ ହତ୍ୟା ମାମଲାର ତଦନ୍ତ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଶୁକ୍ରବାର ଦିନ କୋର୍ଟ ଚାଲାଣ କରିଛି ବୈପାରୀଗୁଡ଼ା ପୋଲିସ। ଗତ ବୁଧବାର ବୈପାରୀଗୁଡ଼ା ଥାନା କେନ୍ଦୁଗୁଡ଼ା ପଞ୍ଚାୟତ ଘଷର୍ଲିଆଗୁଡ଼ା ଗ୍ରାମର ଡମ୍ବରୁ ଘଷର୍ଲିଆଙ୍କ ସ୍ତ୍ରୀ ବାସନ୍ତୀ (୨୫)ଙ୍କ ଗଳିତ ମୃତଦେହ ନିକଟସ୍ଥ ଜଙ୍ଗଲରୁ ମିଳିଥିଲା। ବାସନ୍ତୀଙ୍କ ବାପଘର ଲୋକଙ୍କ ଅଭିଯୋଗକୁ ଆଧାର କରି ତାଙ୍କ ସ୍ୱାମୀ ଡମ୍ବରୁଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରିବା ପରେ ମୃତ୍ୟୁର ରହସ୍ୟ ଫିଟିଥିଲା।

ଡମ୍ବରୁ ପୋଲିସକୁ ଦେଇଥିବା ବୟାନ ଅନୁଯାୟୀ, ଗତ ଗୁରୁବାର ତାଙ୍କ ମା' ଘରେ ପୋଷିଥିବା କୁକୁଡ଼ା ସାପ୍ତାହିକ ହାଟରେ ବିକ୍ରି କରିଥିଲେ। ତେବେ କମ୍ ଦାମ୍‌ରେ ବିକିବାକୁ ନେଇ ସେଦିନ ସନ୍ଧ୍ୟାରେ ଡମ୍ବରୁ ଓ ବାସନ୍ତୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସେବେଠାରୁ ବାସନ୍ତୀ ରାଗରେ କିଛି ଖାଉ ନଥିଲେ। ଶନିବାର ରାତିରେ ଡମ୍ବରୁ ଭାତ ବାଢ଼ି ତାଙ୍କୁ ଖାଇବାକୁ କହିଥିଲେ ମଧ୍ୟ ବାସନ୍ତୀ ଖାଇ ନଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଡମ୍ବରୁ ବାଡିରେ ତାଙ୍କ ମୁଣ୍ଡ ଓ ଛାତିକୁ ବାଡ଼େଇବାରୁ ଛଟପଟ ହୋଇ ବାସନ୍ତୀଙ୍କ ମୃତ୍ୟୁ ହୋଇଥିଲା। ଘଟଣାକୁ ଲୁଚାଇବା ପାଇଁ ମୃତଦେହକୁ ଡମ୍ବରୁ ଟାଣିନେଇ ଜଙ୍ଗଲରେ ପକାଇ ଦେଇଥିଲେ। ଏହାପରେ ଶ୍ୱଶୁର ଘର ଲୋକଙ୍କୁ ଫୋନ୍‌କରି ବାସନ୍ତୀ ନିଖୋଜ ଥିବା ଜଣାଇଥିଲେ।

## ଜୟପୁରରେ ଜନ୍ମାଷ୍ଟମୀ ପାଇଁ ଭାଙ୍ଗିଲା ଦହିହାଣ୍ଡି

ଜୟପୁର,୨୩।୮(ଡି.ଏନ୍.ଏ./ନି.ପ୍ର.)

ଜୟପୁର ସହରର ଜଗନ୍ନାଥ ମନ୍ଦିର, ଗୀତା ଭବନ, କୁଞ୍ଜବିହାରୀ, ରାଧାକୃଷ୍ଣ, ରାଧାମାଧବ, ମଦନମୋହନ, ରସିକ ଶିରୋମଣି, ଚୈତନ୍ୟ ମନ୍ଦିର, ରଘୁନାଥ ମନ୍ଦିର, ଗୋପୀନାଥ ମନ୍ଦିର, ବାଲଗୋପାଳ ମନ୍ଦିରରେ ଜନ୍ମାଷ୍ଟମୀ ପାଇଁ ଭକ୍ତଙ୍କ ଭିଡ଼ ଲାଗିଛି। ସ୍ଥାନୀୟ ବିଜ୍ଞାନ ଇଣ୍ଟରନ୍ୟାସନାଲ ସ୍କୁଲରେ କୁନି ଛାତ୍ରୀଛାତ୍ର ରାଧା ଓ କୃଷ୍ଣ ବେଶରେ ସଜ୍ଜିତ ହେବା ସହ ଦହିହାଣ୍ଡି ଭଙ୍ଗା ଓ ଶ୍ରୀକୃଷ୍ଣ ଭଜନ ଅନୁଷ୍ଠିତ ହୋଇଥିଲା। ଶାରଦା ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ବେଶଭୂଷା ହୋଇ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ମାଦଳା ସାହି କୃଷ୍ଣ ବିହାରୀ ମନ୍ଦିରରେ ପହଞ୍ଚି ସେଠାରେ ଦହିହାଣ୍ଡି ଭାଙ୍ଗିଥିଲେ। ଅରବିନ୍ଦ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଜନ୍ମାଷ୍ଟମୀ ପାଳିତ ହୋଇଥିଲା।

# ଏନ୍‌ଏଚ୍‌ରେ ଅଟକୁଥିବା ଗାଡ଼ିରୁ ତେଲଚୋରି

ପଟ୍ଟାଙ୍ଗି,୨୩।୮(ଡି.ଏନ୍.ଏ.)

ପଟ୍ଟାଙ୍ଗି ସଦର ଦେଇ ଯାଇଥିବା ୨୬ ନଂ ଜାତୀୟ ରାଜପଥରେ ଯାତାୟାତ କରୁଥିବା ଛୋଟବଡ଼ ଗାଡିରୁ ବିଳମ୍ବିତ ରାତିରେ ତେଲ ଚୋରି ହେଉଛି। ଏହାର ସଦ୍ୟତମ ଉଦାହରଣ ସଦର ଷ୍ଟେଟବ୍ୟାଙ୍କ ସମ୍ମୁଖରେ ଦେଖିବାକୁ ମିଳିଛି। ପଡ଼ୋଶୀ ଛତିଶଗଡ଼ର ରାୟପୁରରୁ ଆନ୍ଧ୍ରର ବିଶାଖାପାଟଣା ଯାଉଥିବା ଚାଉଳ ବୋଝେଇ ଟ୍ରକ୍ (ସିଜି୦୪ ଏମ୍‌ବି ୬୪୬୬) ବିଳମ୍ବିତ ରାତିରେ ଯାନ୍ତ୍ରିକ ତ୍ରୁଟି ପାଇଁ ଉପରୋକ୍ତ ବ୍ୟାଙ୍କ ନିକଟରେ ଅଟକିଥିଲା। ଡ୍ରାଇଭର ଓ ହେଲପର ଗାଡ଼ି ଭିତରେ ଶୋଇପଡ଼ିଥିବା ବେଳେ ଟ୍ରକ୍‌ର ଟାଙ୍କିରୁ ପ୍ରାୟ ୩ଶହ ଲିଟର ଡିଜେଲ ଚୋରି ହୋଇଥିଲା। ଏହାର ମୂଲ୍ୟ ୨୦ ହଜାର ଟଙ୍କା ଉପରେ ହେବ ବୋଲି ଡ୍ରାଇଭର ଅସିତ ପଣ୍ଡା କହିଛନ୍ତି। ସେମାନେ ସକାଳେ ଉଠିବା ପରେ ଟାଙ୍କିରେ ପାଇପ ଲାଗିଥିବା ଦେଖିଥିଲେ। ଏନେଇ ପୋଲିସକୁ ଅଭିଯୋଗ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ରାଜପଥ ଦେଇ ଯାଉଥିବା ଛୋଟ ବଡ଼ ଗାଡ଼ି ବିଳମ୍ବିତ ରାତିରେ ବିଶ୍ରାମ ନେବା ପାଇଁ ପଟ୍ଟାଙ୍ଗିର ବିଭିନ୍ନ ସ୍ଥାନରେ ଅଟକୁଥିବା ବେଳେ ଏଭଳି ଚୋରିର ଶିକାର ହେଉଛନ୍ତି। ବୁଧବାର ପଡ଼ାଲଗୁଡ଼ା ଛକରେ ଅଟକିଥିବା ଏକ ଟ୍ରଲରରୁ ୨୦୦ ଲିଟର ତେଲ ଚୋରି ହୋଇଥିଲା। ସ୍ଥାନୀୟ ପୋଲିସର ନିଷ୍କ୍ରିୟତା ପାଇଁ ଏହାର ଫାଇଦା ଉଠାଉଛନ୍ତି ଅସାମାଜିକ ବ୍ୟକ୍ତି।

# ସବୁଠି ଜନ୍ମୋତ୍ସବ, ସବୁଠି କୃଷ୍ଣଭକ୍ତି

କୋରାପୁଟ,୨୩।୮(ସ୍ୱ.ପ୍ର.)

କୋରାପୁଟ ସହରର ବିଭିନ୍ନ ମନ୍ଦିରରେ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ପାଳିତ ହୋଇଛି। ସ୍ଥାନୀୟ ହାତିଲାଇନସ୍ଥିତ ରାଧାକୃଷ୍ଣ ମନ୍ଦିରରେ ପୂଜକ ସୁରେଶ ଚନ୍ଦ୍ର ପାଢ଼ୀ ଓ ଜୟକୃଷ୍ଣ ମିଶ୍ରଙ୍କ ଦ୍ୱାରା ଶ୍ରୀକୃଷ୍ଣ ଜନ୍ମ ନୀତି ଓ ବିଧି ସହକାରେ ପୂଜାର୍ଚ୍ଚନା କରାଯାଇଛି। ମହିଳାମାନେ ପୁଅର ମଙ୍ଗଳ କାମନା କରି ନିର୍ଜଳ ଉପବାସ ରଖିଥିଲେ। ରାତିରେ ବିଶେଷ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ଶନିବାର ମନ୍ଦିର ପ୍ରାଙ୍ଗଣରେ ନନ୍ଦ ଉତ୍ସବ ହେବ। ରାଧାକୃଷ୍ଣଙ୍କୁ ଫୁଲଦୋଳିରେ ଝୁଲାଯିବା ସାଙ୍ଗକୁ ସନ୍ଧ୍ୟା ଆଳତି କରାଯିବା ପରେ ଭକ୍ତଙ୍କ ଦ୍ୱାରା ଅବିର ଖେଳ କରାଯିବ ବୋଲି ମନ୍ଦିର କମିଟି ସୂଚନା ଦେଇଛି। ଏହି ଅବସରରେ ଗତ ୨୦ ତାରିଖରୁ ମନ୍ଦିର ପ୍ରାଙ୍ଗଣରେ ଭାଗବତ ପାରାୟଣ ଚାଲିଥିବା ବେଳେ ଶନିବାର ଏହା ଶେଷ ହେବ। ପାରାୟଣରେ ପଣ୍ଡିତ ରବୀନ୍ଦ୍ର ନାରାୟଣ ଦାସ, କୈଳାସ ଚନ୍ଦ୍ର ତ୍ରିପାଠୀ, ବିପ୍ରଚରଣ ତ୍ରିପାଠୀ, ପରମେଶ୍ୱର ମିଶ୍ର, ପରୀକ୍ଷିତ ତ୍ରିପାଠୀ ଭାଗବତ ପାଠ କରିଥିଲେ। ଏହି ଉତ୍ସବକୁ ମନ୍ଦିର ପରିଚାଳନା କମିଟିର ସଭାପତି କୃଷ୍ଣଚନ୍ଦ୍ର ସାମନ୍ତରାୟ, ସମ୍ପାଦକ ନବୀନ ଚନ୍ଦ୍ର ପଟ୍ଟନାୟକ ପରିଚାଳନା କରିଥିଲେ। ସେହିଭଳି କୋରାପୁଟସ୍ଥିତ ରାମକୃଷ୍ଣ ମିଶନ ନିକଟସ୍ଥ ବିଷ୍ଣୁ ମନ୍ଦିରରେ ମଧ୍ୟ ଜନ୍ମାଷ୍ଟମୀ ପାଳିତ ହୋଇଛି। ପରିଚାଳନା କମିଟିର ସଭାପତି ରଘୁନାଥ ଦାସ, ସୁରେନ୍ଦ୍ର କରଣ, ପି. ଭଜମନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜନ୍ମାଷ୍ଟମୀରେ ସର୍ବତ୍ର କୃଷ୍ଣନାମ



ମାଥାଲପୁଟ ରାଧାକୃଷ୍ଣ ମନ୍ଦିରରେ ପୂଜାର୍ଚ୍ଚନା।



କୁନ୍ଦୁରା ବ୍ଲକ ଡଙ୍ଗରପାଉଁଶିର ଗୋସେବକମାନେ ଜନ୍ମାଷ୍ଟମୀ ପାଇଁ ହୁଣ୍ଡିରେ ଅର୍ଥ ଆଦାୟ କରୁଛନ୍ତି।



ଦାମନଯୋଡ଼ି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପିଲାଙ୍କ ରାଧାକୃଷ୍ଣ ବେଶ।



ଦଶମନ୍ତପୁର ଶିଶୁ ମନ୍ଦିରରେ ରାଧାକୃଷ୍ଣ ବେଶ।



ଜୟପୁର ବିଜ୍ଞାନ ଇଣ୍ଟରନ୍ୟାସନାଲ ସ୍କୁଲରେ ରାଧାକୃଷ୍ଣ ବେଶରେ ଛାତ୍ରୀଛାତ୍ର।



କୋରାପୁଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା।



ଜୟପୁର ଶାରଦା ବିହାର ଶିଶୁମନ୍ଦିରରେ ଜନ୍ମାଷ୍ଟମୀ।

# କୂଅରୁ ମୃତଦେହ ଉଦ୍ଧାର

**ଜଗନ୍ନାଥପ୍ରସାଦ, ୨୩।୮(ଡି.ଏନ.ଏ.)**

ଜଗନ୍ନାଥପ୍ରସାଦ ଥାନା ଯାତ୍ରା ଗ୍ରାମର ଏକ କୂଅରୁ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ଉଦ୍ଧାର ହୋଇଛି। ସେ ହେଲେ ବଂଶୀଧର ବିଶୋଇ (୪୫)। ମୃତକଙ୍କ ସ୍ତ୍ରୀ ନମିତାଙ୍କ ଲିଖିତ ଅଭିଯୋଗ ପ୍ରକାରେ ପୋଲିସ ନଂ. ୭/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଏସ୍‌ଆଇ ପ୍ରଭାତୀ ବେହେରା କହିଛନ୍ତି।

ଗୁରୁବାର ରାତି ୮ଟାରେ ଗ୍ରାମରେ ଥିବା ଏକ କୂଅରେ ବଂଶୀଧର ଭାସୁଥିବା କିଛି ଲୋକ ଦେଖି ଅଗ୍ନିଶମ ବିଭାଗ ଓ ପୋଲିସକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି କୂଅରୁ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲକୁ ପଠାଯାଇଛି। ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ପଚରାଉଚରା କରୁଛି।

# ଅଜଣା ରୋଗରେ ଯୁବକ ମୃତ

**ପାତ୍ରପୁର, ୨୩।୮(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ଜରଡ଼ା ଗ୍ରାମରେ ଗୁରୁବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାଜେନ୍ଦ୍ର ବେହେରା (୩୦)। ଭୁବନେଶ୍ୱରରେ ରହି କାର୍ଯ୍ୟ କରୁଥିବା ରାଜେନ୍ଦ୍ର ଗତ ବୁଧବାର ଜଣେ ବ୍ୟକ୍ତିଙ୍କ ସହ ମନ୍ଦରଡ଼ା ଗାଁରେ ଥିବା ଶଶୁର ଘରକୁ ଅସିଥିଲେ। ଗୁରବାର ଭୋରରେ ତାଙ୍କ ଦେହରୁ ପ୍ରବଳ ଝାଳ ବାହାରିବାରୁ ଶଶୁର ତାଙ୍କୁ ପ୍ରଥମେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଦିଗପହଣ୍ଡିରୁ ୮ ଶିଶୁ ଶ୍ରମିକ ଉଦ୍ଧାର

**ଦିଗପହଣ୍ଡି,୨୩।୮(ଡି.ଏନ.ଏ.)**

ବ୍ରହ୍ମପୁର ପୋଲିସର ସ୍ୱତନ୍ତ୍ର ଟିମ ଶୁକ୍ରବାର ଦିଗପହଣ୍ଡି ସହର ସମେତ ଆଖପାଖ ଗ୍ରାମର ହୋଟେଲ, ମୋଟର ଗ୍ୟାରେଜ, ଢ଼ାବା, ଫାଷ୍ଟଫୁଡ ଦୋକାନ ସମେତ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚଢ଼ାଉ କରି ୮ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି। ପୂର୍ବାହ୍ନ ପ୍ରାୟ ୧୧ଟାରେ ଦିଗପହଣ୍ଡି ପୋଲିସ ସହାୟତାରେ ସ୍ୱତନ୍ତ୍ର ଟିମ୍ ସଦସ୍ୟମାନେ ଚଢ଼ାଉ କରିଥିଲେ। ଉଦ୍ଧାର ଶିଶୁ ଶ୍ରମିକମାନଙ୍କୁ ବ୍ରହ୍ମପୁରସ୍ଥିତ ଶିଶୁ ସମାଜ ମଙ୍ଗଳ ସମିତି (ସିଡବ୍ଲ୍ୟୁସି) କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ସନ୍ଧ୍ୟାରେ କେତେଜଣ ଉଦ୍ଧାର ଶିଶୁ ଶ୍ରମିକଙ୍କ ପରିବାର ଲୋକେ ବ୍ରହ୍ମପୁର କମାପଲ୍ଲୀ ଭିଆଇପି କଲୋନୀ ସ୍ଥିତ ସିଡବ୍ଲ୍ୟୁସି କାର୍ଯ୍ୟାଳୟରେ ପହଞ୍ଚି ସେମାନଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିବା ପରେ ତାଙ୍କ ମାତା ପିତାଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି।
















2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ